ବର୍ଷ-୨୬, ସଂଖ୍ୟା-୨୭୨
ଭୁବନେଶ୍ୱର
ଅକ୍ଟୋବର, ୦୯, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 272
Bhubaneswar
October, 09, 2026, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କଂଗ୍ରେସର ଓଡ଼ିଶା ବନ୍ଦ ଆଶିଂକ ସଫଳ

ଭୁବନେଶ୍ୱର,୮।୧୦(ମହାଭାରତ): ବିଭିନ୍ନ ଦାବି ନେଇ ଇଣ୍ଡିଆ ବ୍ଲକ୍‌ର ଆହ୍ୱାନରେ ଗୁରୁବାର ପାଳିତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱର, କଟକ, ରାଉରକେଲା ସମେତ ସମସ୍ତ ପ୍ରମୁଖ ସହରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା କିଛି ସ୍ଥାନରେ ହିଂସାତ୍ମକ ପରିସ୍ଥିତି ଦେଖିବାକୁ ମିଳିଥିଲା। ଏସବୁ ସତ୍ତ୍ୱେ ବନ୍ଦ ଆଂଶିକ ସଫଳ ହୋଇଛି।

ଭୁବନେଶ୍ୱରରେ ଆଜି ସକାଳୁ ଆରମ୍ଭ ହୋଇଥିଲା ଆନ୍ଦୋଳନ। ବନ୍ଦ ବେଳେ ପିସିସି ସଭାପତି ଭକ୍ତ ଦାସ, ଜୟଦେବ ଜେନା ଓ ସୁର ରାଉତରାୟଙ୍କୁ ଲୋୟର ପିଏମ୍‌ଜିରୁ ପୁଲିସ ଉଠାଇ ନେଇଥିଲା। ଓଡ଼ିଶା ବନ୍ଦକୁ ନେଇ ରାଜଧାନୀର ଲୋୟର ପିଏମ୍‌ଜିରେ ଚାଲିଥିବା ପ୍ରତିବାଦ ବେଳେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି ।

କଟକ ସହରରେ ବ୍ୟାପକ ଭାବେ ପରିଲକ୍ଷିତ ହୋଇଛି। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଦୋକାନବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ବନ୍ଦ ସମର୍ଥକମାନେ ସକାଳୁ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ପିକେଟିଂ କରି ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିଥିଲେ। ଫଳରେ ବାଦାମବାଡ଼ି ସମେତ ଅନ୍ୟାନ୍ୟ ପ୍ରମୁଖ ରାସ୍ତାରେ ସାଧାରଣ ଦିନ ତୁଳନାରେ ଯାନବାହନ ଚଳାଚଳ କମ୍ ରହିଥିଲା। ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନ ଚଳାଚଳ ମଧ୍ୟ ବନ୍ଦର ପ୍ରଭାବରୁ ବାଦ ପଡ଼ିନଥିଲା। ଏହାର ପ୍ରତ୍ୟକ୍ଷ ପ୍ରଭାବ ସହରର ଦୈନନ୍ଦିନ ବ୍ୟବସାୟିକ କାରବାର ଉପରେ ମଧ୍ୟ ପଡ଼ିଥିଲା। ବନ୍ଦର ପ୍ରଭାବ କୋର୍ଟ କାର୍ଯ୍ୟରେ ମଧ୍ୟ ଅନୁଭୂତ ହୋଇଥିଲା। ଯାତାୟାତ ସମସ୍ୟା ଓ ସୁରକ୍ଷାଜନିତ କାରଣରୁ ଓଡ଼ିଶା ହାଇକୋର୍ଟ ସମେତ କଟକର ବିଭିନ୍ନ ଅଦାଲତର ଅନେକ ଆଇନଜୀବୀ ଭୌତିକ ଶୁଣାଣିରୁ ଦୂରେଇ ରହିଥିଲେ।ଏହା ଫଳରେ ନିୟମିତ କୋର୍ଟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥିଲା। ବନ୍ଦ ପରିପ୍ରେକ୍ଷୀରେ କଟକ ସହରର ବିଭିନ୍ନ ସମ୍ବେଦନଶୀଳ ଓ ପ୍ରମୁଖ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।ଯେକୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ପେଟ୍ରୋଲିଂ ଓ ନଜରଦାରି ବଢ଼ାଯାଇଥିଲା। ଜରୁରୀ ସେବା ଯଥା ହସ୍ପିଟାଲ, ଆମ୍ବୁଲାନ୍ସ ଓ ଔଷଧ ଦୋକାନ ଆଦିକୁ ବନ୍ଦରୁ ବାଦ ଦିଆଯାଇଥିଲା।




ସେହିଭଳି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁରେ ଓଡ଼ିଶା ବନ୍ଦ ବେଳେ ବିଜେପି ଓ କଂଗ୍ରେସ ନେତା ମୁହାଁମୁହିଁ ହୋଇଛନ୍ତି । ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ ବେଳେ ହିଞ୍ଜିଳିକାଟୁରେ ବିଜେପି ମଣ୍ଡଳ ସଭାପତି ଓ କଂଗ୍ରେସ ଉପ ସଭାପତିଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ମୁହାଁମୁହିଁ ପରିସ୍ଥିତି । ଉଭୟ ପକ୍ଷ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରୁ କଂଗ୍ରେସ ଉପସଭାପତିଙ୍କୁ ଉଠାଇ ନେଲା ପୋଲିସ । ଘଟଣାକୁ ନେଇ ହିଞ୍ଜିଳି ଥାନା ଆଗାରେ ଧାରଣା ଦେଇଛି କଂଗ୍ରେସ ।

ରାଉରକେଲାରେ ବନ୍ଦର ପ୍ରଭାବରେ ରାସ୍ତାରେ ଲମ୍ବା ଜାମ୍, ଅଟକିଛି ଶହ ଶହ ଗାଡ଼ି । ହେଲେ ଏହାରି ଭିତରେ ଦେଖିବାକୁ ମିଳିଛି ଏକ ଭିନ୍ନ ଦୃଶ୍ୟ । ବନ୍ଦରେ ଫସିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ବାଣ୍ଟିଛନ୍ତି ଆନ୍‌ଦୋଳନକାରୀ । ଜାତୀୟ ରାଜପଥ ୧୪୩ର ଟିସିଆଇ ନିକଟରେ ଶହ ଶହ ଟ୍ରକ୍, ବସ୍ ଓ ଚାରିଚକିଆ ଗାଡ଼ି ଅଟକି ରହିଛି । ଦୀର୍ଘ ସମୟ ଧରି ଜାମ୍‌ରେ ଫସିଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ବନ୍ଦକୁ ସମର୍ଥନ କରିବାକୁ ନିବେଦନ କରିଛନ୍ତି ବିକ୍ଷୋଭକାରୀ ।

ଆଜି ଜିଲ୍ଲା ସଦର ମହକୁମା ବାରିପଦାରେ ଦେଖିବାକୁ ମିଳିଛି. ସହରରେ ବସ ସମେତ ବିଭିନ୍ନ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା. ବାରିପଦା ସହର ଦେଇ ଯାଇଥିବା ଜାତୀୟ ରାଜପଥ-୧୮ର ପାଲବଣୀ ଓ ଦାମୋଦରପୁର ଛକ ନିକଟରେ ଇଣ୍ଡି ମେଣ୍ଟର କର୍ମୀମାନେ ପିକେଟିଂ କରି ବିଭିନ୍ନ ଯାନବାହନକୁ ଅଟକାଇଥିଲେ। ଫଳରେ ରାସ୍ତା କଡରେ ଶହ ଶହ ଗାଡି ଛିଡାହୋଇ ରହିଥିଲା। ସହରର ବିଭିନ୍ନ ସ୍ଥାନରେ ମଧ୍ୟ କର୍ମୀମାନେ ଶାନ୍ତିଶୃଙ୍ଖଳାର ସହ ପିକେଟିଂ କରୁଥିବା ଦେଖାଯାଇଛି।

ଜଟଣୀ ସହରର ଦୋକାନ ବଜାର, ବ୍ୟାଙ୍କ,ପୋଷ୍ଟ ଅଫିସ,ବ୍ଲକ,ତହସିଲ,ଜଟଣୀ ମ୍ୟୁନିସିପାଲଟି ଅଫିସ,ଖୋର୍ଦ୍ଧା ରୋଡ ରେଲୱେ ଷ୍ଟେସନଆଦି ରେ ବନ୍ଦର ପ୍ରଭାବ ଦେଇଥିଲା.କଂଗ୍ରେସ ନେତା ଓ କର୍ମୀ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ପିକେଟିଙ୍ଗ କରି ଜନସାଧାରଣଙ୍କୁ ବନ୍ଦ ସଫଳ କରିବା ପାଇଁ ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ପାଇଁ ନିବେଦନ କରିଥିବା ଦେଖିବାକୁ ମିଳିଥିଲା।

# ନାନା ପାଟେକରଙ୍କ ଦେହାନ୍ତ

ମୁମ୍ବାଇ,୮।୧୦: ନିଜର ଜୀବନ୍ତ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖୁଥିବା ନାନା ପାଟେକର ଆଜି ସମସ୍ତଙ୍କୁ ଲୁହର ସାଗରରେ ଭସାଇ ଦେଇ ଚାଲି ଯାଇଛନ୍ତି। ଆଉ ନାହାନ୍ତି କିମ୍ବଦନ୍ତୀ ବଲିଉଡ ଅଭିନେତା ବିଶ୍ୱନାଥ ନାନା ପାଟେକର।୭୫ ବର୍ଷ ବୟସରେ ଗୋଆରେ ଗୋଟିଏ ହସ୍ପିଟାଲରେ ହୃଦଘାତ ଯୋଗୁ ତାଙ୍କର ଦେହାନ୍ତ ହୋଇଛି। ଏବେ ତାଙ୍କ ଅବର୍ତ୍ତମାନରେ ପୂରା ବଲିଉଡ୍ ସ୍ତବ୍ଧ। ନାନାଙ୍କୁ ଝୁରୁଛି ପୂରା ଦେଶ। ସମସ୍ତଙ୍କ ମନରେ ନାନାଙ୍କ ପାଇଁ ଦୁଃଖ। ପ୍ରାୟ ୫ ଦଶନ୍ଧି ଧରି ବଲିଉଡରେ ସକ୍ରିୟ ଥିବା ନାନା ସେହି କିଛି କଳାକାରଙ୍କ ମଧ୍ୟରେ ଥିଲେ ଯାହାଙ୍କୁ କେବେ ବିବାଦ ଛୁଇଁ ନଥିଲା। ଆଜି ରାତି ୯ଟାରେ ମହାରାଷ୍ଟ୍ରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କକ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଚନ୍ତି।



ଏହି ଅବିବାଦୀୟ କଳାକାର ଜଣଙ୍କ ଏବେ ଅତୀତ। ତାଙ୍କ ଅତୀତକୁ ସମସ୍ତେ କେବଳ ମନେ ପକାଇଛନ୍ତି। ହେଲେ ନାନାଙ୍କ ପାଇଁ ଏହି ମୃତ୍ୟୁ ଯେମିତି ଅପ୍ରତ୍ୟାଶିତ ନଥିଲା। ମାତ୍ର ୪ ଦିନ ପୂର୍ବରୁ ସତେ ଯେମିତି ସେ ମୃତ୍ୟୁର ଆଭାସ ପାଇଥିଲେ। ଖାସ ସେଥିପାଇଁ ଗୋଆର ଡୋନା ପାଉଲରେ ସେ ମୃତ୍ୟୁକୁ ନେଇ ରଖିଥିଲେ ନିଜରେ ଶେଷ ଭାଷଣ।

ରବିବାର ପଦ୍ମଶ୍ରୀ ପୁରସ୍କାର ବିଜେତା ବିଶ୍ୱନାଥ ନାନା ପାଟେକର ତାଜ କିଡାଡେ ଗୋଆ ସ୍ଥିତ ସମ୍ରାଟ କ୍ଲବ ଇଣ୍ଟରନ୍ୟାଶନାଲ, ଷ୍ଟେଟ୍-୧ର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ରାଜଶ୍ରୀ ଏ ଖଣ୍ଡେପାରକରଙ୍କୁ ତାଙ୍କ ନିର୍ଦ୍ଦେଶକ ମଣ୍ଡଳୀ ସହିତ ୨୦୨୬-୨୭ ପାଇଁ ରାଜ୍ୟ ସଭାପତି ଭାବରେ ନିଯୁକ୍ତି ଦିଆଯାଇଥିଲା। ୪ ଦିନ ପୂର୍ବରୁ ଯିଏ ସୁସ୍ଥ ଓ ସବଳ ରହି ସର୍ବସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଆଜି ଭୋର ୫.୨୦ରେ ଗୋଆ ସ୍ଥିତ ଘରେ ହୃଦଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ୧୯୫୧ ମସିହା ଜାନୁଆରୀ ୧ରେ ବିଶ୍ୱନାଥ ପାଟେକର ଭାବେ ମହାରାଷ୍ଟ୍ରରେ ଜନ୍ମ ଗ୍ରହଣ କରିଥିବା ନାନା ନିଜର ଦମଦାର ଓ ବାସ୍ତବ ଅଭିନୟ ପାଇଁ ସମସ୍ତଙ୍କ ଭଲ ପାଇବା ସାଉଁଟି ପାରିଥିଲେ।ହିନ୍ଦୀ ଓ ମରାଠୀ ଫିଲ୍ମରେ ସେ ୫ ଦଶନ୍ଧିରୁ ଅଧିକ ସମୟ କାର୍ଯ୍ୟ କରିଛନ୍ତି। ନାନା ଅଭିନୟ କରିଥିବା ବିଭିନ୍ନ ଚରିତ୍ର ଏବେ ବି ଲୋକଙ୍କ ମନରେ ସେମିତି ଜୀବନ୍ତ ହୋଇ ରହିଛି। ନିଜର ନିଆରା ଡାଏଲଗ ପାଇଁ ସେ ସବୁବେଳେ ସମସ୍ତଙ୍କ ମନରେ ଜୀବନ୍ତ ହୋଇ ରହିବେ।

# ଅବଢ଼ା ଯୋଜନାରେ ନୂଆ ପ୍ରକଳ୍ପ

## ଅତିରିକ୍ତ ୧୦୧ କୋଟି ଟଙ୍କା ବ୍ୟୟବରାଦ

ଭୁବନେଶ୍ୱର୮।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି (ଗୁରୁବାର) ଅବଢ଼ା ଯୋଜନା



ଅଧୀନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ। ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ।

ସୂଚନାଯୋଗ୍ୟ ଯେ, ପୁରୀରେ ଅବଢା ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର, ମାର୍କେଟ କମ୍‌ପ୍ଲେକ୍ସ, ଶ୍ରୀସେତୁ ଏବଂ ଏହା ସହିତ ମୁସା ନଦୀର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରାରମ୍ଭିକ ବଜେଟ ଅନୁଯାୟୀ ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ପ୍ରକଳ୍ପରେ ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଜେବିପିସିର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍‌ଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାସହିତ ପ୍ରକଳ୍ପଜନିତ ଅନ୍ୟାନ୍ୟ ଆବଶ୍ୟକତା ଯୋଗୁ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା। ମହାପ୍ରଭୁଙ୍କ ଅବଢ଼ା ପ୍ରସ୍ତୁତିରେ ବ୍ୟବହୃତ ହେବ ଜୈବିକ ପଦ୍ଧତିରୁ ଉତ୍ପାଦିତ ଚାଉଳ: କୃଷିର ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳାମୁଖ୍ୟମନ୍ତ୍ରୀ ଏହି ଆବଶ୍ୟକତାକୁ ଅନୁଭବ କରି ପ୍ରକଳ୍ପ ମୂଲ୍ୟ ବୃଦ୍ଧି କରି ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ୬୫୮,୦୩,୭୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ ୧୦୦,୮୩,୮୫,୦୦୦ ଟଙ୍କା ବୃଦ୍ଧି ପାଇଛି।

# ଘରେ ବାଣ ବିସ୍ଫୋରଣ

## ବାପ ପୁଅଙ୍କ ମୃତ୍ୟୁ, ୫ ଗୁରୁତର

ଜଗତସିଂହପୁର,୮।୧୦(ମହାଭାରତ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଚାନ୍ଦପୁର ଗାଁରେ ଗୁରୁବାର ଅପରାହ୍ନରେ ଘଟିଥିବା ବାଣ ବିସ୍ଫରଣରେ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ବାପା ପରେ ପୁଅଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ମନୋରଞ୍ଜନ ସ୍ୱାଇଁ ଓ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁ। ମନୋରଞ୍ଜନଙ୍କ ଘରେ ବାଣ ଭିଡା ଯାଉଥିବା ବେଳେ ବିସ୍ଫୋରଣ ଘଟିଥିବା ଜଣାପଡିଛି। ଏଥିରେ ତାଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଘରର କାନ୍ଥ ଫାଟି ଯାଇଛି। ଘଟଣାସ୍ଥଳରେ ମନୋରଞ୍ଜନଙ୍କର ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟ ସାହିଲ ସ୍ୱାଇଁଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଘଟଣାରେ ଆହୁରି ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଅଛନ୍ତି। ତାଙ୍କ ନାଁରାହୁଲରାଜ ମହନ୍ତ। ଏହି ଗୁରୁତର ଆହତଙ୍କ ମଧ୍ୟରୁ ୩ ଜଣଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।ପୁଲିସ ଘଟଣାର ତଦନ୍ତ କରୁଛି।

# ଜିଏସଟି ପରିଷଦର ୫୭ତମ ବୈଠକ

ନୂଆଦିଲ୍ଲୀ,୮।୧୦: କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଆଜି ଜିଏସଟି ପରିଷଦର ୫୭ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ତଥା ମନୋନୀତ ମନ୍ତ୍ରୀମାନଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବୈଠକରେ ଯୋଗଦେଇ ପ୍ରମୁଖ ସଂସ୍କାରଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ।




ବୈଠକରେ ଜିଏସଟିକୁ ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ଯାହାଦ୍ୱାରା ଏହାର ଅନୁପାଳନ ସହଜ ହୋଇପାରିବ । ଏଇଞ୍ଜର ସରଳୀକରଣ ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ '୨୦୪୭ ସୁଦ୍ଧା ବିକଶିତ ଭାରତ'ର ଲକ୍ଷ୍ୟକୁ ପୂରଣ କରାଯାଇପାରିବ। କରଦାତାମାନଙ୍କ ପାଇଁ ଜିଏସଟି ପ୍ରକ୍ରିୟାକୁ ଅଧିକ ସରଳ, ଶୀଘ୍ର, ସ୍ୱଚ୍ଛ ଏବଂ ସହଜ କରିବା ପାଇଁ, ପରିଷଦ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ କରିଥିଲା। ପ୍ରସ୍ତାବିତ ସଂସ୍କାରଗୁଡ଼ିକ ମଧ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ ଏବଂ ପ୍ରକୃତ କରଦାତାମାନଙ୍କର ଅନୁପାଳନ ସମ୍ବନ୍ଧୀୟ ସମସ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ।

ଆଲୋଚନା ହୋଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରେ ଏକ ପ୍ରମୁଖ ପ୍ରସ୍ତାବ ହେଉଛି, ସିଷ୍ଟମ-ଆଧାରିତ ପ୍ରୋସେସିଙ୍ଗ୍ ଓ ରିଫଣ୍ଡ ସମ୍ପର୍କୀତ ମଞ୍ଜୁରୀ । ଏହାଦ୍ୱାରା କରଦାତା ମାନଙ୍କର ତଥ୍ୟକୁ ସ୍ୱୟଂଚାଳିତ ଭାବେ ପ୍ରକ୍ରିୟା କରାଯାଇ ସେମାନଙ୍କ ଆବଶ୍ୟକ ରିଫଣ୍ଡକୁ ମଞ୍ଜୁରୀ ମଧ୍ୟ ଦିଆଯାଇପାରିବେ । ଏହା ଫଳରେ ପ୍ରକୃତ କରଦାତାମାନେ ଅଧିକ ସ୍ୱଚ୍ଛତା ସହିତ ଶୀଘ୍ର ରିଫଣ୍ଡ ପାଇପାରିବେ। ଶୂନ୍ୟ ଶୁଳ୍କ ଯୋଗାଣ ପାଇଁ ବ୍ୟବହୃତ ପୁଞ୍ଜିଗତ ସାମଗ୍ରୀ ଉପରେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଫେରସ୍ତ ଏବଂ ତା'ସହିତ, ଇନଭର୍ଟେଡ୍ ଡ୍ୟୁଟି ଷ୍ଟ୍ରକଚର ଅଧୀନରେ ସେବା ତଥା ପୁଞ୍ଜିଗତ ସାମଗ୍ରୀ ଉପରେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଫେରସ୍ତ ପାଇଁ ଥିବା ପ୍ରସ୍ତାବଗୁଡ଼ିକ ରପ୍ତାନିକାରୀ ମାନଙ୍କୁ ଲାଭାନ୍ୱିତ କରିବ ଏବଂ ଉତ୍ପାଦନକାରୀମାନଙ୍କୁ ସହଜରେ ୱର୍କିଙ୍ଗ୍ କ୍ୟାପିଟାଲ୍ ଉପଲବ୍ଧ ହୋଇପାରିବ। ସୂଚନାଯୋଗ୍ୟ ଯେ, ଜିଏସଟି ରିଟର୍ଣ୍ଣ ଦାଖଲ ଏବଂ ଦେୟ ତଥା ଆଇଟିସି ସଂଶୋଧନ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧୀୟ ସୁପାରିସକୁ 'ଜିଏସଟି ରିଟର୍ଣ୍ଣ ଏବଂ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟକାରୀ ଗୋଷ୍ଠୀ' ଦ୍ୱାରା ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଜିଏସଟି ଟିମ୍ ମଧ୍ୟ ଏହାର ସଦସ୍ୟ ଥିଲେ । ଏହି ବିକଳ୍ପ ବ୍ୟବସ୍ଥାରେ ତଥ୍ୟଗତ ଅମେଳ ଏବଂ ଅନାବଶ୍ୟକ ନୋଟିସ୍‌କୁ ହ୍ରାସ ହୋଇପାରିବ। ଏହା ବ୍ୟତୀତ, ଜିଏସଟି ଆଇନ କମିଟି ମାଧ୍ୟମରେ ଅନ୍ୟାନ୍ୟ ପ୍ରକ୍ରିୟା-ଭିତ୍ତିକ ସଂସ୍କାରରେ ମଧ୍ୟ ଓଡ଼ିଶା ନିଜର ଯୋଗଦାନ ରଖିଛି। ଜିଏସଟି ଆଇନ ଅଧୀନରେ ସମାଧାନ ଯୋଗ୍ୟ ଥିବା ଆର୍ଥିକ ଅପରାଧଗୁଡ଼ିକ ପାଇଁ ଗିରଫଦାରୀ ବ୍ୟବସ୍ଥାକୁ ହଟାଇବାର ପ୍ରସ୍ତାବ, ଆଇନ କାର୍ଯ୍ୟକାରିତା ଏବଂ କରଦାତାଙ୍କ ଆତ୍ମବିଶ୍ୱାସ ମଧ୍ୟରେ ସନ୍ତୁଳନକୁ ସୁଦୃଢ଼ କରିବ। ସାମଗ୍ରିକ ଭାବରେ, ଏହି ସଂସ୍କାରଗୁଡ଼ିକ ବ୍ୟବସାୟିକ ସହଜତା ଏବଂ ଅନୁପାଳନର ସରଳତାକୁ ପ୍ରୋତ୍ସାହିତ କରିବ, ଯାହା ଜିଏସଟି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, କରଦାତା-ଅନୁକୂଳ ଏବଂ ସହାନୁଭୂତିଶୀଳ କରିବ। ଏହା ସହିତ ଓଡ଼ିଶାର ଏମଏସଏମଇ ଉଦ୍‌ଯୋଗ ତଥା ଅନ୍ୟାନ୍ୟ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ଯଥେଷ୍ଟ ଆଶ୍ୱସ୍ତି ଓ ସହାୟତା ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ଅନୁପାଳନ କରିବା ସହ ନିଜର ବ୍ୟବସାୟିକ ବିକାଶ ଓ ପ୍ରସାର ଉପରେ ଧ୍ୟାନ ଦେବାରେ ସାହାଯ୍ୟ କରିବ।

# ଭିଜିଲାନସ ଜାଲରେ ଯନ୍ତ୍ରୀ

## ୪ କୋଟି ୭୩ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ, ସହଯୋଗୀଙ୍କ ସହ ଗଲେ ଜେଲ

ଭୁବନେଶ୍ୱର,୮।୧୦(ମହାଭାରତ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବେତନଟୀ ପୂର୍ତ୍ତ ବିଭାଗ ସବ୍-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ଉପରେ ବଡ କାର୍ଯ୍ୟାନୁଷ୍ଠାନ । ଅରବିନ୍ଦ ମହାନ୍ତି ଓ ତାଙ୍କ ସହଯୋଗୀ ଠିକାଦାର ବିଶ୍ୱନାଥ ପାଲ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଉଭୟଙ୍କୁ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ ଅଦାଲତ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି ।ଭିଜିଲାନ୍ସର ଚଢ଼ାଉ ବେଳେ ଅରବିନ୍ଦ ମହାନ୍ତିଙ୍କ ନାମରେ ପ୍ରାୟ ୪ କୋଟି ୭୩ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ରାସ୍ତା ନିର୍ମାଣ ସମେତ ବିଭାଗୀୟ କାର୍ଯ୍ୟରେ ଅନିୟମିତତା ଏବଂ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିବା ଅଭିଯୋଗକୁ ନେଇ ଭିଜିଲାନ୍ସ ପକ୍ଷରୁ ଅରବିନ୍ଦ ମହାନ୍ତିଙ୍କ ବିରୋଧରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ତାଙ୍କର ଆୟ ସହ ସମ୍ପତ୍ତିର ତୁଳନା କରାଯିବା ପରେ, ଆୟଠାରୁ ୩୦୦ ପ୍ରତିଶତରୁ ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଚଢ଼ାଉ ପରେ ମିଳିଥିବା ସମ୍ପତ୍ତିର ହିସାବ କରାଯାଇ ମୋଟ ପ୍ରାୟ ୪ କୋଟି ୭୩ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଚିହ୍ନଟ ହୋଇଥିବା ବିଭାଗ ସୂଚନା ଦେଇଛି । ଏହି ମାମଲାରେ ଅରବିନ୍ଦ ମହାନ୍ତିଙ୍କ ସହଯୋଗୀ ବିଶ୍ୱନାଥ ପାଲଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି ।

# ବ୍ୟାସନଗର କଲେଜରେ ନିର୍ବାଚନ ସ୍ଥଗିତ

ବ୍ୟାସନଗର,୮।୧୦(ମହାଭାରତ): ପ୍ରାକ୍ ନିର୍ବାଚନୀ ହିଂସା ଯୋଗୁ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। କଲେଜର ନିର୍ବାଚନ କମିଟି ଓ ଏକାଡେମିକ୍ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହା ସହିତ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଆସନ୍ତାକାଲି ସକାଳ ସୁଦ୍ଧା ହଷ୍ଟେଲ ଛାଡିବାକୁ ଶିକ୍ଷାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ଗତକାଲି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। କିନ୍ତୁ ବିଳମ୍ବିତ ରାତିରେ କଲେଜ ଅଧ୍ୟକ୍ଷଙ୍କ ବାସଭବନ ଓ ବାଳକ ଛାତ୍ରବାସକୁ ଲକ୍ଷ୍ୟ କରି ବୋମାମାଡ କରାଯାଇଥିଲା।

# ଓଡ଼ିଶାରୁ ଫେରୁଛି ମୌସୁମୀ

ଭୁବନେଶ୍ୱର୮।୧୦(ମହାଭାରତ): ଓଡ଼ିଶାରୁ ବିଦାୟ ନେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଆଜିଠାରୁ ରାଜ୍ୟରେ ଆରମ୍ଭ ହୋଇଛି ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା। ପାଣିପାଗ ବିଭାଗର ସୂଚନା ଅନୁସାରେ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କିଛି ଅଞ୍ଚଳରୁ ମୌସୁମୀ ବାୟୁ ଫେରିବା ଆରମ୍ଭ କରିଛି ।ଆଗାମୀ ୩ରୁ ୪ ଦିନ ମଧ୍ୟରେ ପୂର୍ବ ଭାରତର ଆହୁରି କିଛି ଅଞ୍ଚଳରୁ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଓଡ଼ିଶାରୁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ବିଦାୟ ନେଇପାରେ ବୋଲି ଅନୁମାନ କରାଯାଉଛି। ସାଧାରଣତଃ ଏହି ସମୟ ବେଳକୁ ରାଜ୍ୟରୁ ମୌସୁମୀ ବିଦାୟ ନେଇଥାଏ। ତେବେ ଚଳିତ ମୌସୁମୀ ଋତୁରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭଲ ବର୍ଷା ରେକର୍ଡ ହୋଇଛି ।ମୌସୁମୀ ଫେରିବା ସହ ଧୀରେ ଧୀରେ ପାଗରେ ପରିବର୍ତ୍ତନ ଆସିବା ସମ୍ଭାବନା ରହିଛି। ବର୍ଷାର ପ୍ରଭାବ କମିବା ସହ ଆଗାମୀ ଦିନରେ ତାପମାତ୍ରା ଓ ପାଗରେ ପରିବର୍ତ୍ତନ ଅନୁଭୂତ ହୋଇପାରେ। ଏବେ ରାଜ୍ୟରୁ ମୌସୁମୀ ବିଦାୟର ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଶୀତ ଋତୁ ଆଗମନ ପାଇଁ ମଧ୍ୟ ପାଗ ଧୀରେ ଧୀରେ ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି।

# ପ୍ରାଥମିକ ସ୍ତରରୁ ଶିକ୍ଷାର ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୧୦(ମହାଭାରତ): ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା।



ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା- ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁ ହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କୁ ଗ୍ରାମାଞ୍ଚଳ ତଥା ଦୂରଦୂରାନ୍ତ ଅଞ୍ଚଳରେ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା, ସ୍ୱାସ୍ଥ୍ୟକର୍ମୀମାନଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଏବଂ ମେଡିକାଲ ଗୁଡ଼ିକରେ ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ଷ୍ଟଣ୍ଟିଂ ଏବଂ ୱେଷ୍ଟିଂ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ମା' ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ। ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।ଅନ୍ୟପକ୍ଷରେ, ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶାପୋଷଣ ମଧ୍ୟ କରିଛନ୍ତି ।

ଏହି ବୈଠକରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଶ୍ରୀ ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## କଖାରୁ ଫୁଲ ଅଣ୍ଡା ଘଟ୍

**ଆବଶ୍ୟକ ସାମଗ୍ରୀ:** ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଘଟ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଘଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଘଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଘଟ। ଏହାକୁ ଆପଣ ଗରମ ଗରମ ଖାଇପାରିବେ।




# ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ ଉଚ୍ଚ ସ୍ଥାନରେ ରହିଲେ ମଧ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

# ମହାଭାରତ : ପ୍ରତିଶୋଧ ଭାବନା କ୍ଷତିକାରକ

ଜଉ ଘରରୁ ଜୀବନ ରକ୍ଷା କରି ଜଙ୍ଗଲରେ ବୁଲୁଥିବା ପାଣ୍ଡବମାନଙ୍କୁ ଅଙ୍ଗାରପର୍ଣ୍ଣ ନାମରେ ଗନ୍ଧର୍ବ ପ୍ରସିଦ୍ଧ ଋଷି ବଶିଷ୍ଠଙ୍କ ପୁତ୍ର 'ଶକ୍ତି'ଙ୍କ କଥା ଶୁଣାଇଥିଲା। ଋଷି ବଶିଷ୍ଠ ରାମାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥରେ ତାଙ୍କ ପୁତ୍ର ଶକ୍ତି ଜଙ୍ଗଲରେ ଯାଉଥିବା ସମୟରେ ବାଟରେ ଏକ ଝରଣା ପଡ଼ିଲା। ସେହି ଝରଣାରେ ଖୁବ୍ ଅଣଓସାରିଆ ପୋଲଟିଏ ଥିଲା। ସେ ପୋଲ ଉପରକୁ ଚଢ଼ିବା ସମୟରେ ସମ୍ମୁଖରୁ ରାଜା କଳ୍ମାଷପାଦ ପୋଲର ବିପରୀତ ଦିଗରକୁ ଆସୁଥିବା ଦେଖିପାରିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ହେଲେ ପଛକୁ ହଟିବାର ଥିଲା। ରାଜା ଶକ୍ତିଙ୍କୁ କହିଲେ, ମୁଁ ପ୍ରଥମେ ଆସିଛି, ତେଣୁ ତୁମେ ମୋତେ ରାସ୍ତା ଦିଅ। କିନ୍ତୁ ଶକ୍ତି ନିଜ ପିତାଙ୍କ ପ୍ରତିଷ୍ଠାର ଅହଂକାରରେ ମଦମତ୍ତ ହୋଇ ଶକ୍ତିଙ୍କୁ କହିଲା,



ପ୍ରଥମେ ତୁମେ ରାସ୍ତା ଦିଅ। କାରଣ ମୁଁ ଜଣେ ବ୍ରାହ୍ମଣ ଏବଂ ମୁଁ ତୁମ ଠାରୁ ଉଚ୍ଚରେ । ହେଲେ ରାଜା ତାଙ୍କ କଥା ଶୁଣିଲେ ନାହିଁ। କ୍ରୋଧିତ ହୋଇ ରାଜାଙ୍କୁ ରାକ୍ଷସ ହୋଇଯିବା ଲାଗି ଅଭିଶାପ ଦେଲେ ଶକ୍ତି। ରାଜା ତୁରନ୍ତ ଏକ ନରଭକ୍ଷୀ ରାକ୍ଷସ ହୋଇଗଲେ। ଏହାପରେ ସେ ଶକ୍ତିଙ୍କୁ ଖାଇଦେଲେ । ନିଜ ପୁତ୍ରକୁ ହରାଇ ମହର୍ଷି ବଶିଷ୍ଠ ନିରାଶ ଥିଲେ। ତାଙ୍କର ଦୁଃଖ ଥିଲା ଯେ ସେ ହିଁ ନିଜ ପୁତ୍ରକୁ ବରଦାନ ଏବଂ ଅଭିଶାପ ଦେବାର ଶକ୍ତି ଦେଇଥିଲେ। ଯେଉଁ ଶକ୍ତିର ସେ ଦୁରୁପଯୋଗ କରି ନିଜେ ହିଁ ତାହାର ଶିକାର ହେଲେ। ଶକ୍ତିଙ୍କ ପୁତ୍ର ପରାଶର ନିଜ ଜେଜେବାପା ବଶିଷ୍ଠଙ୍କ ସଂରକ୍ଷଣରେ ବଡ଼ ହେଲେ। ବଡ଼ ହେବା ପରେ ନିଜ ପିତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ହେଲେ। ଏହାପରେ ସେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ଏକ ଯଜ୍ଞ ଆୟୋଜନ କରିବାର ଯୋଜନା କଲେ । ଏହି ଯଜ୍ଞ ଦ୍ୱାରା ସମସ୍ତ ନରଭକ୍ଷୀ ଆଦିମ ମନୁଷ୍ୟ ଅଗ୍ନିରେ ପଡ଼ି ପ୍ରାଣ ହରାଇବେ। ହେଲେ ବଶିଷ୍ଠ ତାଙ୍କୁ ତାହା କରିବା ଲାଗି ବାରଣ କଲେ। ବଶିଷ୍ଠ କହିଲେ ଯେ ତୁମର ପିତା ଜଣଙ୍କୁ ଅଭିଶାପ ଦେଲେ ଏବଂ ସେହି ଅଭିଶାପ ହିଁ ତାଙ୍କୁ ମାରିଲା। ଯଦି ତୁମେ ପ୍ରତିଶୋଧ ନେବା ଲାଗି ଚାହୁଁଛ, ତା'ହେଲେ ଏହି ପ୍ରତିଶୋଧର ଚକ୍ର କେବେ ହେଲେ ଶେଷ ହେବ ନାହିଁ। ତୁମେ ସେହି ରାକ୍ଷସ ବିଷୟରେ ନୁହେଁ, ବରଂ ସେମାନଙ୍କ ପାଇଁ ଚିନ୍ତାକରଣ ଯେଉଁମାନେ ତୁମ ପାଇଁ ବହୁମୂଲ୍ୟବାନ ଅଟନ୍ତି। ପରାଶର ନିଜ ପିତାମହଙ୍କ ଆଜ୍ଞା ମାନିଲେ। ଏହାପରେ ସେ ମହାନ ଋଷି ବେଦବ୍ୟାସଙ୍କ ପିତା ହୋଇପାରିଥିଲେ। ବେଦବ୍ୟାସ ହିଁ ମହାଭାରତର କାହାଣୀରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଙ୍ଗାରପର୍ଣ୍ଣ ପାଣ୍ଡବମାନଙ୍କୁ ଶକ୍ତି ଋଷିଙ୍କ କଥା ଏଥିପାଇଁ ଶୁଣାଇଥିଲା, କାରଣ ସେମାନଙ୍କ ହୃଦୟରେ ମଧ ପ୍ରତିଶୋଧ ଏବଂ ଘୃଣାର ଭାବନାକୁ ସେ ଦେଖିପାରିଥିଲା । ପାଣ୍ଡବମାନଙ୍କ ସହିତ ଅନେକ ଥର ଭୁଲ ବାଟରେ ବିଶ୍ୱାସଘାତକତା କରାଯାଇଥିଲା। ଏହାଠାରୁ ବଳି ସେମାନଙ୍କ ପ୍ରାଣ ନେବା ଲାଗି ମଧ ଚେଷ୍ଟା ହୋଇଥିଲା। ଥରେ ତ' ମା' ସମେତ ପାଞ୍ଚ ଭାଇଙ୍କୁ ମାରିବା ଲାଗି ଯୋଜନା ମଧ ହୋଇଥିଲା। ସେମାନେ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ସେମାନଙ୍କୁ କାହାଣୀ ଶୁଣାଇବା ପରେ ଅଙ୍ଗାରପର୍ଣ୍ଣ ସେମାନଙ୍କୁ ପରାମର୍ଶ ଦେଇ କହିଲା ଯେ ଆପଣମାନେ ପ୍ରତିଶୋଧ ଭାବନା ତ୍ୟାଗ କରନ୍ତୁ । ଏଥିରେ ନିଜର ସମୟ ନଷ୍ଟ କରନ୍ତୁ ନାହିଁ । ଆପଣମାନେ ରାଜା ହୋଇପାରିବେ। ସେଥିପାଇଁ ପ୍ରଥମେ ଜଣେ ପୁରୋହିତଙ୍କୁ ଖୋଜନ୍ତୁ, ବିବାହ କରନ୍ତୁ, ଭୂମି ହାସଲ କରନ୍ତୁ, ନିଜେ ନିଜର ରାଜ୍ୟ ପ୍ରତିଷ୍ଠା କରନ୍ତୁ ଏବଂ ରାଜା ହୁଅନ୍ତୁ। ପ୍ରତିଶୋଧ ନେବା ଲାଗି ପ୍ରୟାସ କରନ୍ତୁ ନାହିଁ। ଏହି କାହାଣୀ ଶୁଣିବା ପରେ ପାଣ୍ଡବମାନଙ୍କ ହୃଦୟରେ ପ୍ରତିଶୋଧର ନିଆଁ ଯଦିଓ ପ୍ରଶମିତ ହୋଇଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଲିଭିନଥିଲା। ସେମାନେ ପ୍ରଥମେ ଜଣେ ପୂଜାରୀଙ୍କୁ ଖୋଜିଲେ। ଏହି ସନ୍ଧାନରେ ସେମାନେ ଦେବଲ ମୁନିଙ୍କ କନିଷ୍ଠ ଭ୍ରାତା ଧୌମ୍ୟଙ୍କ ସନ୍ଧାନ ପାଇବେ । ସେ ନିକଟରେ ଥିବା ଏକ ଆଶ୍ରମରେ ରହୁଥିଲେ। ତାଙ୍କୁ ସେମାନେ ନିଜ ପୁରୋହିତ ହେବା ଲାଗି ଅନୁରୋଧ କଲେ। ଦ୍ୱାପର ଯୁଗରେ ପାରିବାରିକ ପୁରୋହିତ ରଖିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଶକ୍ତିଶାଳୀ ଯଜ୍ଞର ଆବଶ୍ୟକତା ରହିଥିଲା। ସେମାନେ ଧୌମ୍ୟଙ୍କ ରୂପରେ ଜଣେ ସମର୍ଥ ପୁରୋହିତ ପାଇଗଲେ ଯିଏକି ସର୍ବଦା ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ରହୁଥିଲେ। ପାଞ୍ଚାଳ ଦେଶର ରାଜକୁମାରୀ ଦ୍ରୌପଦୀଙ୍କ ସ୍ୱୟମ୍ବର ହେଉଥିବା ଖବର ପାଇ ପାଣ୍ଡବମାନେ ଏହାପରେ ସେହି ଦିଗକୁ ଗଲେ।

# ବ୍ରହ୍ମାଙ୍କ ବଂଶ

ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି। ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ। ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତି ହୋଇଥିଲା। ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି। ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ। ପ୍ରମୁଖ ଦେବତା ହୋଇଥିଲେ ମଧ ତାଙ୍କ ପୂଜା ଖୁବ କମ ହୋଇଥାଏ। ଏହାର ଭିନ୍ନ ଭିନ୍ନ କାରଣ ରହିଛି। ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ ପୁରାଣରେ ଉଲ୍ଲେଖ ରହିଛି। ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି। ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି। ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର'। ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ



ରହିଛି। ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିରୁ ଦକ୍ଷ, ଛାଇରୁ କନ୍ଦର୍ଭ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ। ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି। ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା। ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ। ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା। ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା। ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ। ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ। ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା। ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ। ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ। ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା। ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ। ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୃଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଊର୍ଜା, ବ୍ରହ୍ମଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା। ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୮।୧୦ (ମହାଭାରତ): କୃଷି ଶିକ୍ଷାକୁ କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ସେବା ସହ ଯୋଡ଼ିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଅନନ୍ୟ ଇଂଟର୍ନସିପ୍ କାର୍ଯ୍ୟକ୍ରମ 'କୃଷି ଉନ୍ନତ ସହଯୋଗୀ'ର ଶୁଭାରମ୍ଭ ହୋଇଛି। ଓୟୁଏଟିର କୃଷି ଶିକ୍ଷା ସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ୨୦୨୩ ମସିହାରୁ ସଫଳତାର ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ବ୍ୟାପକ ଭାବେ କାର୍ଯ୍ୟକାରୀ ହେଉଛି। ଖରିଫ ଫସଲ ସମୟରେ ରୋଗ-ପୋକ ସର୍ବେକ୍ଷଣ ଏବଂ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବରରୁ ଡିସେମ୍ବର—ଏହି ତିନି ମାସ ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର କୃଷି ଓ ଉଦ୍ୟାନ କୃଷି ଶାଖାର ଶେଷ ବର୍ଷର ୯୬୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ 'ସହଯୋଗୀ' ଭାବେ ମନୋନୀତ କରାଯାଇଛି। ପ୍ରତ୍ୟେକ ବ୍ଲକରେ ପ୍ରାୟ ୨ ରୁ ୩ ଜଣ ଛାତ୍ର ସହଯୋଗୀ କାର୍ଯ୍ୟ କରିବେ।



ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ରାଜ୍ୟରେ କୃଷିର ବିକାଶ କରିବା ସହ ଏକ ମଜବୁତ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଛାତ୍ରଛାତ୍ରୀ ଅନୁଭୂତିରୁ ବହୁତ କିଛି ଶିଖିବେ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ କାମରେ ସାହାଯ୍ୟ କରିବ। ସେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା, ନମ୍ରତା ଓ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ କୃଷି ବିଭାଗ, ବିଶ୍ୱବିଦ୍ୟାଳୟ ଓ କୃଷକ ସମ୍ପ୍ରଦାୟର ମିଳିତ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଉନ୍ନତ ପ୍ରଦର୍ଶନ କରିଥିବା ୫ ଜଣ ଛାତ୍ରଛାତ୍ରୀ ସେମାନଙ୍କର ଅନୁଭୂତିକୁ ଲୋକଙ୍କ ସହ ବାଂଟିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି। ସହଯୋଗୀମାନେ ସୋମବାରରୁ ଶୁକ୍ରବାର (ସକାଳ ୧୦ଟାରୁ ସନ୍ଧ୍ୟା ୫ଟା) କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ। ଗ୍ରାମପଞ୍ଚାୟତ ସ୍ତରୀୟ ସମ୍ପ୍ରସାରଣ କର୍ମଚାରୀଙ୍କ ସହଯୋଗରେ ଇ-ପେଷ୍ଟ ଏବଂ ଏନପିଏସଏସ୍ ମାଧ୍ୟମରେ ରୋଗ-ପୋକ ନିରୀକ୍ଷଣ କରାଯିବ। ପ୍ରତ୍ୟେକ ଛାତ୍ର ୧୦୦ ଜଣ କୃଷକଙ୍କ ଗୁଣାତ୍ମକ ସର୍ବେକ୍ଷଣ କରିବେ ଏବଂ ଅର୍ଦ୍ଧ-ଭୌତିକ ପଦ୍ଧତିରେ ୫ଟି ଫସଲ ଅମଳ ପରୀକ୍ଷଣ ସମ୍ପାଦନ କରିବେ। ଛାତ୍ରଛାତ୍ରୀମାନେ କୃଷି ସାମଗ୍ରୀ ବିକ୍ରେତା, ଗୋଟିଏ ଏଫପିଓ, ଦୁଇଟି ଏସଏଚଜି ଏବଂ ଦୁଇଟି ପାକସ୍ /ଲାମ୍ପସ୍ ପରିଦର୍ଶନ କରି ଚାଷୀଙ୍କୁ ସରକାରୀ ଯୋଜନା ଓ କୃଷି ଆପ୍ଲିକେସନ୍ ବିଷୟରେ ସଚେତନ କରାଇବେ। କୃଷକମାନଙ୍କ ସମସ୍ୟା, ସଫଳତାର କାହାଣୀ ଓ ପ୍ରତିକ୍ରିୟା ସଂଗ୍ରହ କରି କୃଷି ଶିକ୍ଷା, ସମ୍ପ୍ରସାରଣ ସେବା ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରାଯିବ। ସହଯୋଗୀମାନଙ୍କ ପ୍ରଦର୍ଶନ କୃଷ ଆପ୍ ଏବଂ ଆଡାପ୍ଟ ଡାସବୋର୍ଡ ମାଧ୍ୟମରେ ଡିଜିଟାଲ୍ ରୂପେ ଅନୁଧ୍ୟାନ କରାଯିବ। ସମ୍ପୃକ୍ତ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ସାପ୍ତାହିକ ଭାବେ ଏହାର ସମୀକ୍ଷା କରିବେ। ତିନି ମାସର ଇଣ୍ଟର୍ନସିପ୍ ସଫଳତାର ସହ ଶେଷ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ୨୧,୦୦୦ ଟଙ୍କାର ଷ୍ଟାଇପେଣ୍ଡ/ପ୍ରୋତ୍ସାହନ ରାଶି ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ତରଫରୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ଶୁଭାରମ୍ଭ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ଉଦ୍ୟାନ ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ୱାମନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡକ୍ଟର ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରେଳ ମହାପ୍ରବନ୍ଧକଙ୍କ ପୁରୀ ରେଳ ଷ୍ଟେସନ ନିରୀକ୍ଷଣ



ଭୁବନେଶ୍ୱର,୮।୧୦ (ମହାଭାରତ): ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଶନିବାର ପୁରୀ ରେଳ ଷ୍ଟେସନର ନିରୀକ୍ଷଣ କରି ଚାଲିଥିବା ଷ୍ଟେସନ ପୁନଃବିକାଶ କାର୍ଯ୍ୟ, ଯାତ୍ରୀ ସୁବିଧା ଏବଂ ଷ୍ଟେସନର ସାମଗ୍ରିକ ପରିଚାଳନାଗତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ପୁନଃବିକାଶ ଓ ଭିତିଭୂମି ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗୁଣବତା ମାନଦଣ୍ଡ ବଜାୟ ରଖି କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ଏହି କାର୍ଯ୍ୟ ଯୋଗୁଁ ଯାତ୍ରୀମାନଙ୍କୁ ଯେପରି ଅସୁବିଧା ନହୁଏ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଫୁଙ୍କୱାଲ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧାଗୁଡ଼ିକର ମଧ୍ୟ ନିରୀକ୍ଷଣ କରିଥିଲେ ଏବଂ ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ କରାଯାଉଥିବା ବିଭିର୍ଣ୍ଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଶେଷକରି ପୁରୀ ରେଳ ଷ୍ଟେସନ ବର୍ଷସାରା ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ସେବା ଯୋଗାଉଥିବାରୁ ଯାତ୍ରୀ ସୁବିଧା ଗୁଡ଼ିକର ନିୟମିତ ନିରୀକ୍ଷଣ ଓ ନିରନ୍ତର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକ ଷ୍ଟେସନରେ ପାନୀୟ ଜଳର ଗୁଣବତା ମଧ୍ୟ ଯାଂଚ କରିଥିଲେ।

## ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅବସର ଭତ୍ତା ଦାବି

ଭୁବନେଶ୍ୱର,୮।୧୦ (ମହାଭାରତ): ଆମ୍ଭେ ରାଜ୍ୟରେ ଥିବା ୩୧୪ଗୋଟି ବ୍ଲକର ୪୦ ହଜାର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟମାନଙ୍କର ଦୀର୍ଘଦିନର ସମସ୍ୟା ବାବଦରେ ଜଣାଇଅଛୁ। ସମାଜ ସେବାରେ ପୂର୍ବତନ ସରପଞ୍ଚ□ମାନଙ୍କର ମୁଖ୍ୟ ଭୂମିକା ଥିବାବେଳେ ବର୍ତ୍ତମାନ ସେମାନେ ଲାଞ୍ଛିତ, ଉପେକ୍ଷିତ ଭାବେ ଦିନ କଟାଉଛନ୍ତି। ରାଜ୍ୟ ସରକାରଙ୍କର ସମସ୍ତ ଯୋଜନା ଜନସାଧାରଣଙ୍କ ପାଖରେ ପହ□ାଇବା ପ୍ରତ୍ୟେକ ପରିବାରଙ୍କ ସହିତ ଜଡ଼ିତ ରହି ମଧ୍ୟ ୫ ବର୍ଷ ସେବାକରି ଅବସର ନେଲାପରେ ସେମାନଙ୍କ ପାଇଁ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ମୁଖ୍ୟ ଭାବରେ ଭତ୍ତାଟିଏ ଏବଂ ପରିଚୟପତ୍ର ଟିଏ ମଧ୍ୟ ପାଇପାରି ନାହାଁନ୍ତି। ବଡ଼ ଦୁଃଖର ବିଷୟ ପାଞ୍ଚ ବର୍ଷ ପରେ ମଧ୍ୟ କ୍ଷମତା ନ ଥାଇ ଜନସାଧାରଣଙ୍କ ସେବା କରିବାରେ କୌଣସି ତ୍ରୁଟି ମଧ୍ୟ ନାହିଁ। ଅନେକ ସରପଞ୍ଚମାନେ ଦୟନୀୟ ଅବସ୍ଥାରେ ଦିନ କଟାଉଛନ୍ତି ଏବଂ ଦିନ ମଜୁରିଆ ଭାବରେ ମୂଲ ଲାଗୁଛନ୍ତି। ୩୦ଗୋଟି ଜିଲ୍ଲାରୁ ଆସିଥିବା ସମସ୍ତ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟମାନେ ଏକତ୍ରିତ ହୋଇ ଅବସରକାଳୀନ ମାସିକ ଭତ୍ତା ୫ ହଜାର ଟଙ୍କା ସରକାର ପ୍ରଦାନ କରିବା ନିମନ୍ତେ ଲୋୟର ପିଏମଜି ଗାନ୍ଧୀମାର୍ଗଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ଦାବିଗୁଡ଼ିକ ହେଲା ୧. ପୂର୍ବତନ ସରପଞ୍ଚ ମାନଙ୍କୁ ମାସିକ ଭତ୍ତା ୫ ହଜାର ଟଙ୍କା ଦିଆଯାଉ । ୨. ପରିଚୟ ପତ୍ର ପ୍ରଦାନ କରାଯାଉ । ୩. ସଂଘ ପାଇଁ ଏକ ସରକାରୀ ଗୃହ ଯୋଗାଇ ଦିଆଯାଉ ।

ରାଜ୍ୟରେ ଥିବା ୩୦ଗୋଟି ଜିଲ୍ଲାର ୮ ହଜାର ଗ୍ରାମ ପ□ାୟତର ସମସ୍ତ ପୂର୍ବତନ ସରପ□ ଓ ସମିତିସଭ୍ୟମାନେ ଯୋଗଦେବେ । ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦିକା ସିଲା ମାରାଣ୍ଡି, ସମ୍ପାଦକ ପ୍ରମୋଦ କୁମାର ସାମଲ, ଖୋର୍ଦ୍ଧା ଜିଲ୍ଲା-ରବିନ୍ଦ୍ର ପାତ୍ର, ସୂର୍ଯ୍ୟମଣି ଦାସ, ଗଞ୍ଜାମ ଜିଲ୍ଲା- ଜନ୍ ସ୍ୱାଇଁ, ଢେଙ୍କାନାଳ ଜିଲ୍ଲା-ଜୟକୃଷ୍ଣ ଜେନା, ଭରତ ସାମଲ, ବାବାଜି ସାହୁ, ଯାଜପୁର ଜିଲ୍ଲା- ନିର୍ମଳ ସାମଲ, ନୀଳମଣି ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା- ଆଶାଲତା ନାୟକ, ବିଜୟ ଜେନା, ଅଶୋକ ପ୍ରଧାନ, କେନ୍ଦୁଝର ଜିଲ୍ଲା- ଅଖିଳ ନାୟକ, ପୁଷ୍ପା ନାୟକ, ବୈଜୟନ୍ତି ନାୟକ, ଭାଗିରଥି ନାୟକ, ପୁରୀ ଜିଲ୍ଲା- ପ୍ରସନ୍ନ ମହାରଥି, ଲଛମନ ଦଳେଇ, କ୍ଷେତ୍ରବାସୀ ସାହୁ, ବଲାଙ୍ଗୀର ଜିଲ୍ଲା- ରମେଶ ଦାସ, ଅବନୀ ସା, ବରଗଡ଼ ଜିଲ୍ଲା- ଡୁଲୁ ସା, ନାରାୟଣ ସାହୁ, ଅନୁଗୋଳ ଜିଲ୍ଲା- ରଙ୍ଗାଧର ନାହାକ, ବିର□ଧର, ବିଜୟ ସାହୁ, କଟକ ଜିଲ୍ଲା- ପ୍ରଦୀପ୍ତ କାନୁନ୍‌ଗୋ, ଲିଙ୍ଗରାଜ ମହାନ୍ତି, ସଂଜୟ ପାତ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଓ' ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୮।୧୦ (ମହାଭାରତ): ନାଗାଲାଣ୍ଡ ରାଜ୍ୟପାଳ ନନ୍ଦ କିଶୋର ଯାଦବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍- କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଗାଲାଣ୍ଡ ରାଜ୍ୟପାଳ ଶ୍ରୀ ଯାଦବ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣର ମାଧ୍ୟମ ନୁହେଁ, ଏହା ନିଜ ଭିତରେ ପରିବର୍ତ୍ତନର ମାଧ୍ୟମ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଏଠାରେ ଶିକ୍ଷା ସମାପ୍ତ ପରେ ତୁମେମାନେ ସମାଜକୁ ଭୁଲିବା ଉଚିତ ନୁହେଁ। କାରଣ ତୁମର ବଡ଼ ହେବାରେ ସମାଜର ମଧ୍ୟ ଯୋଗଦାନ ରହିଛି। ଅନ୍ୟତମ ଅତିଥି ଆମେରିକା ହାଉସ୍ ସଦସ୍ୟ କଂଗ୍ରେସମ୍ୟାନ ମାଇକେଲ ବମଗାର୍ଟନର କହିଲେ, କିଟ୍ ଓ କିସ୍ ହେଉଛି ବିଶ୍ୱର ସର୍ବବୃହତ୍ତ ଶୈକ୍ଷିକ ପ୍ରକଳ୍ପ। ଶିକ୍ଷା ମାଧ୍ୟମରେ ଆମେରିକା ଓ ଭାରତର ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ଛତିଶଗଡ଼ ମା ବାମଲେଶ୍ୱରୀ ଜନହିତ କରେ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ଫୁଲଭୂଷଣ ବାଇ ଯାଦବ କହିଲେ, ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇ ଜୀବନ ଜିଇଁବାରେ ଯେଉଁ ଆନନ୍ଦ ଅଛି ତାହା ଅନ୍ୟ କେଉଁଥିରେ ନାହିଁ। ଦାରିଦ୍ର୍ୟ ମଧ୍ୟରେ ହାରିଯିବା ଉଚିତ ନୁହେଁ। ଦୃଢ଼ ମନୋବଳ ସହ ଆଗକୁ ବଢ଼ିବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏବିପି ନିଉଜର ବରିଷ୍ଠ ସାମ୍ବାଦିକ ଚିତ୍ରା ତ୍ରିପାଠୀ କହିଲେ, ବିକଶିତ ଭାରତର ସ୍ୱପ୍ନ କିସ୍‌ରେ ସକାର ହେଉଛି। ସେ କହିଲେ, ଛାତ୍ରଛାତ୍ରୀମାନେ ତୁମେ ତୁମର ଆଦର୍ଶ ବାହାରେ ଖୋଜିବା ଆବଶ୍ୟକ ନାହିଁ। କାରଣ ତୁମ ଆଦର୍ଶ ତୁମ ନିକଟରେ ଅଛନ୍ତି, ସେ ହେଉଛନ୍ତି ତୁମର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ। ସେହିପରି ମୋତିଲାଲ ଓସୱାଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୋତିଲାଲ ଓସୱାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଲେ, ପିଲାମାନେ ତୁମେ ତୁମ ଜୀବନରେ ତିନୋଟି କଥାକୁ ମନେରଖିଥିବ। ଜ୍ଞାନ ଆହରଣ, ରୋଜଗାର ଓ ପ୍ରତିଦାନ। ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ସହ ରୋଜଗାରକ୍ଷମ ହୁଅ ଏବଂ ସମାଜକୁ ଏହାର ପ୍ରତିଦାନ ଦିଅ ବୋଲି କହିଥିଲେ। ଏହି ଅବସରରେ ଛତିଶଗଡ଼ ମା' ବମ୍ଲେଶ୍ୱରୀ ଜନହିତକାରୀ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ଶ୍ରୀମତୀ ଫୁଲବାସନ ବାଇ ଯାଦବ, ଆମେରିକା ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟକ୍ଷ ଡ. ବ୍ରକ୍ ଟେସ୍‌ମାନ, ରୋମାନିଆ କ୍ରାଏଭା ସହରର ମେୟର ଲିଆ ଓଲଗୁତା ଭାସିଲେସ୍କୁ, ମିଲିସାଉତି ସହରର ମେୟର ଭାସିଲେ କରାରେ, ବିରଲାଦ୍ ସହରର ମେୟର ଦୁମିତ୍ରୁ ବୋରାସ୍, ଏପିଇସି ୟୁନିଭର୍ସିଟିର ରେକ୍ଟର ଏରିକ୍ ଫେଡେରିକୋ ପେରେଜ୍ ଭେଗା, ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଆଭେଲାନେଡାର ରେକ୍ଟର ଜର୍ଜ କାଲଜୋନି ପ୍ରମୁଖଙ୍କୁ କିଟ୍-କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।




## ରାଜ୍ୟପଦାଧିକାରୀ ବୈଠକରେ ବିଜେପି ରାଜ୍ୟ ପ୍ରଭାରୀ

ଭୁବନେଶ୍ୱର,୮।୧୦ (ମହାଭାରତ): ଦ୍ୱିତୀୟ ଥର ପାଇଁ ଓଡିଶାର ପ୍ରଭାରୀ ଭାବେ ଦାୟୀତ୍ୱ ମିଳିଛି । ରାଜ୍ୟରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ । ଦଳୀୟ ସଂଗଠନକୁ ଆହୁରୀ ଅଧିକ ସୁଦୃଢ କରାଯିବ" ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧକ୍ଷା ଓ ସାଂସଦ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି । ନୂତନ ଦାୟୀତ୍ୱ ନେବା ପରେ ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଶନିବାର ନବନିଯୁକ୍ତ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହଙ୍କ ସହ ପ୍ରଥମ ଥର ପାଇଁ ଓଡିଶା ଗସ୍ତ କରିଛନ୍ତି । ରାଜ୍ୟ ବିଜେପି ତରଫରୁ ଉଭୟଙ୍କୁ ବିମାନ ବନ୍ଦରରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାଜ୍ୟ କାର୍ଯ୍ୟାଳୟରେ ଦଳର ନେତୃବୃନ୍ଦ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହା ପରେ ଶ୍ରୀମତୀ ପୁରନ୍ଦେଶ୍ୱରୀ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ପୁରନ୍ଦେଶ୍ୱରୀ ଆଙ୍ଗନବାଡି କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ଅଙ୍ଗନବାଡି କେନ୍ଦ୍ରଗୁଡିକ ସୁଦୃଢ କରିବା ଏବଂ ଶିଶୁ, ଗର୍ଭବତୀ ମହିଳା ଓ ସନ୍ତାନମାନଙ୍କୁ ଉନ୍ନତ ପୋଷଣ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡିକ ଉପରେ ଆଲୋଚନା କରିଥିଲେ । ସେହିପରି ରାଜ୍ୟ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧକ୍ଷତାରେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଦଳୀୟ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀ ବୈଠକରେ ଉଭୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବୈଠକ ସଂପର୍କରେ ସୁଚନା ଦେଇ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ଆଜିର ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସଂଯୋଜକ ଓ ସହ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବିଶେଷ ଭାବେ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶର ସାଙ୍ଗଠନିକ କାର୍ଯ୍ୟକଳାପ, ଆଗାମୀ କାର୍ଯ୍ୟ ଯୋଜନା, ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହପରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନ ସେପଟେମ୍ବର ୧୭ରୁ ମାସେ ବ୍ୟାପୀ ଚାଲିଥିବା "ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ ସେବାମୁଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହିତ ଆଗାମୀ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକୁ ସଫଳ କରିବା ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୁଚନା ଦେଇଛନ୍ତି । ସେହିପରି ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଆମ ସମସ୍ତଙ୍କର ପ୍ରେରଣାର କେନ୍ଦ୍ରବିନ୍ଦୁ ତଥା ବିଶ୍ୱର ଅଦ୍ୱିତୀୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷ ପୂରଣ କରୁଛନ୍ତି ।




## ନିର୍ଯାତନା ହବ୍ ପାଲଟିଛି ଏସସିବି: ବିଜେଡି

ଭୁବନେଶ୍ୱର,୮।୧୦ (ମହାଭାରତ): ଏସସିବିରେ ରୋଗୀଙ୍କୁ ପିଟି ପିଟି ମାରିଦେବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବିଜେପି ସରକାରଙ୍କ ଅପାରଗତା ପାଇଁ ଆଜି ଏସ୍ସିବି ସେବା ବଦଳରେ ନିର୍ଯାତନା ହବ୍ ପାଲଟିଛି । ଏହାକୁ ନେଇ ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଏସସିବିରେ ରୋଗୀଙ୍କୁ ପିଟି ପିଟି ମାରିଦେବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏସସିବି ହେଉଛି ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ଅନୁଷ୍ଠାନ, ଯେଉଁଠି ରାଜ୍ୟ ଓ ରାଜ୍ୟ ବାହାରୁ ଲୋକେମାନେ ଚିକିତ୍ସା ପାଇଁ ଆସିଥାନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ ହସ୍ପିଟାଲ କରିବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ ବିଜେପି ସରକାରଙ୍କ ଅପାରଗତା ପାଇଁ ସାରା ଦେଶରେ ଏସ୍ସିବି ନିନ୍ଦିତ ହେଉଛି । ଏସସିବିରେ ଲୋକେ ସେବା ବଦଳରେ ନିର୍ଯାତନା ପାଉଛନ୍ତି । ମାନସିକ ଚିକିତ୍ସା ପାଇଁ ଆସିଥିବା ରୋଗୀକୁ ସୁରକ୍ଷାକର୍ମୀ ମାନେ ଶୌଚାଳୟରେ ବନ୍ଦ କରି ପିଟିପିଟି ମାରିଦେଲେ । କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣା ବାବଦରେ ଜାଣିପାରିଲେ ନାହିଁ । ଗତ ମାର୍ଚ୍ଚ ମାସରେ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୧୩ଟି ଅମୂଲ୍ୟ ଜୀବନ ଚାଲିଗଲା, କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା । । ଏହି ଘଟଣା ବାବଦରେ ସ୍ୱାସ୍ଥ୍ୟମନ୍ତ୍ରୀ ଚୁପ୍ ନ ରହି ସ୍ପଷ୍ଟୀକରଣ ଦିଅନ୍ତୁ । ଏସସିବିର ଉନ୍ନତିକରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫,୦୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ ସୁଦ୍ଧା ବିଜେପି ସରକାର ତାକୁ ଖର୍ଚ୍ଚ କରିପାରି ନାହିଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।

## ଏସ୍‌ବିଆଇ ଗୋଟିଏ ପ୍ଲାନରେ ସମଗ୍ର ସ୍ୱାସ୍ଥ୍ୟ ସୁବିଧା

ଭୁବନେଶ୍ୱର,୮।୧୦ (ମହାଭାରତ): ଭାରତୀୟ ମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହିତ ସ୍ୱାସ୍ଥ୍ୟ ପ୍ରତି ବିପଦ ମଧ୍ୟ ବଦଳିଛି। ଯୁବବର୍ଗଙ୍କ ଚଳଚଂଚଳ ଜୀବନଶୈଳୀ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଦରକାର ହୋଇଥାଏ। କିନ୍ତୁ ପରିବାର ଗଠନ ସମୟରେ ମାତୃତ୍ୱ ଓ ଅନ୍ୟାନ୍ୟ ପରିବାର ଯୋଜନା ସମ୍ପର୍କିତ ଆବଶ୍ୟକତା ପୂରଣ କରୁଥିବା ପ୍ଲାନ୍ ଦରକାର। ବୟନ ସହିତ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ଚିକିତ୍ସା ଓ ଗୁରୁତର ଅସୁସ୍ଥତା ବିରୋଧରେ ସୁରକ୍ଷା ଜରୁରୀ। ସ୍ୱାସ୍ଥ୍ୟସେବା ଆବଶ୍ୟକତାର ଏହି ପରିବର୍ତ୍ତନ ଅନୁସାରେ ସ୍ୱାସ୍ଥ୍ୟବୀମା ସମାଧାନ ଜରୁରୀ ହୋଇପଡ଼ିଛି। ଏହାକୁ ନଜରରେ ରଖି ଏସ୍‌ବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପକ୍ଷରୁ ହେଲ୍‌ଥ ଆଲ୍‌ଫା ଅଣାଯାଇଛି ଯେଉଁଥିରେ ଗୋଟିଏ ଉତ୍ପାଦ ଅଧୀନରେ ବ୍ୟାପକ ସ୍ୱାସ୍ଥ୍ୟ ସୁରକ୍ଷା ରହିଛି ଯାହା ଆଜିର ଗ୍ରାହକ ମାନଙ୍କ ପରିବର୍ତ୍ତିତ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଦର୍ଶାଉଛି। ଜୀବନର ବିଭିନ୍ନ ପର୍ଯ୍ୟାୟ ଓ ପ୍ରାଥମିକତାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ଉତ୍ପାଦରେ ପାରମ୍ପରିକ ହସ୍ପିଟାଲରେ ଭର୍ତି ଜନିତ ଖର୍ଚ୍ଚଠାରୁ ଅଧିକ କିଛି ସୁବିଧା ରହିଛି ଯାହା ଗ୍ରାହକ ମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରିବ। ଏସ୍‌ବିଆଇ ଜେନେରାଲ୍ ଇନସ୍ୟୁରାନ୍ସର ହେଲ୍‌ଥ ଆଲ୍‌ଫାରେ ରହିଛି ସହାୟକ ପ୍ରଜନନ ଚିକିତ୍ସା ଓ ମାତୃତ୍ୱ ଓ ନବଜାତକ ଯତ୍ନ ସୁବିଧା।ଏହା ୨୬-୩୦ ବର୍ଷବୟସର ଓ ୩୦-୪୫ ବର୍ଷ ସମୟର ଅଭିଭାବକ ମାନଙ୍କ ପାଇଁ ବିଶେଷଭାବେ ଜରୁରୀ। ଏଥିରେ ପ୍ରତିଷେଧ ମୂଳକ ସ୍ୱାସ୍ଥ୍ୟ ଯାଂଚ ଓ ଇ-ଓପିନିଅନ୍ ସୁବିଧା ରହିଛି। ସୁସ୍ଥକର ଜୀବନ ବଂଚିବାକୁ ଚାହୁଥିବା ଯୁବବର୍ଗ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦ ଉପରେ ନଜର ରଖିବାକୁ ଚାହୁଁଥିବା ବୟସ୍କ ଗ୍ରାହକ ମାନଙ୍କ ପାଇଁ ପ୍ରତିଷେଧ ମୂଳକ ସ୍ୱାସ୍ଥ୍ୟସେବା ଜରୁରୀ ହୋଇପଡ଼ିଛି। ଏହା ଗ୍ରାହକ ମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ପ୍ରତ୍ୟକ୍ଷ ଆଭିମୁଖ୍ୟ ବଜାୟ ରଖିବାରେ ସହାୟକ ହେବ।

## ପେଟ ଓ ଅନ୍ତନଳୀ ସମସ୍ୟାକୁ ନେଇ ସିଏମ୍ଇ

ଭୁବନେଶ୍ୱର,୮।୧୦ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ପେଟ ଓ ଅନ୍ତନଳୀର ସମସ୍ୟା ସମ୍ପର୍କିତ ଏକ ସିଏମ୍ଇ ଆୟୋଜିତ ହୋଇଯାଇଛି। ହସ୍ପିଟାଲ୍‌ର ଆନାଟୋମି ବିଭାଗ ଓ ଆନାଟୋମିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏଏସ୍‌ଆଇ) ଓଡିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଶନିବାର ଏହି ସିଏମ୍ଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ୍ କଲେଜରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆନାଟୋମି ବିଭାଗର ଫ୍ୟାକଲ୍ଟି, ପିଜି ଛାତ୍ରଛାତ୍ରୀ, ଗବେଷକ ଓ ଡାକ୍ତର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ -୧ ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏଭଳି ସିଏମ୍ଇ ପ୍ରୋଗ୍ରାମ୍ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର ଓ ଡାକ୍ତର ବେଶ୍ ଉପକୃତ ହେବେ। ବର୍ତ୍ତମାନ ସମୟରେ ଯୁବପିଢ଼ି ନୁହଁନ୍ତି ବରଂ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ପେଟ ଓ ଅନ୍ତନଳୀର ସମସ୍ୟା ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ବିଭିନ୍ନ ଲକ୍ଷଣ ଜାଣିବା ସହିତ କିପରି ଭାବରେ ଏହାକୁ ଚିକିତ୍ସା କରାଯାଇପାରିବ ସେ ନେଇ ପ୍ରଫେସର (ଡାକ୍ତର) ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୧ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ଏହି ରୋଗ ସମ୍ପର୍କରେ କିପରି ସଚେତନତା କରାଇବା ଓ ଉନ୍ନତମାନର ଚିକିତ୍ସା କ୍ଷେତ୍ରରେ ଜ୍ଞାନକୌଶଳକୁ ପ୍ରୟୋଗ କରି ସେମାନଙ୍କୁ ସେବା ପ୍ରଦାନ କରାଯାଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଆନାଟୋମିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏଏସ୍‌ଆଇ) ଓଡିଶା ରାଜ୍ୟ ଶାଖାର ସଭାପତି ଅନ୍ୟତମ ଅତିଥି ଭାବେ ପ୍ରଫେସର (ଡାକ୍ତର) ସନ୍ତୋଷ କୁମାର ସାହୁ ଏବଂ ସଚିବ ଡାକ୍ତର ମନୋଜ କୁମାର ଦେହୁରୀ ଏହି ଦିବସର 'ଗଟ୍ ଟୁ ମାଇଣ୍ଡ ଆଣ୍ଡ ଇରିଟେବଲ୍ ବାଓ୍ୱେଲ୍ ସିଣ୍ଡ୍ରୋମ୍' (ଆଇବିଏସ୍) ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଏହାର ଲକ୍ଷଣ ସହ ଏହା ସହିତ ସଂପୃକ୍ତ ବିଭିନ୍ନ ବିଷୟବସ୍ତୁକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଏହା ସାଧାରଣ ପାଚନତନ୍ତ୍ର ସଂପର୍କିତ ସମସ୍ୟା। ଏଥିରେ ପେଟ ଯନ୍ତ୍ରଣା, ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ବି ଏଥିରେ ଜଡିତ ହୋଇଥାଏ। ଏହାକୁ ଦୂରେଇବାକୁ ହେଲେ ପ୍ରତିଦିନ ବ୍ୟାୟାମ କରିବା ମାନସିକ, ଶାରୀରିକ ସ୍ତରରେ ନିଜକୁ କିପରି ସୁସ୍ଥ ରଖିବ ସେ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୋଗ ଦେଇଥିବା ଆନାଟୋମି ବିଭାଗର ସିନିୟର ପ୍ରଫେସର ଓ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା। ଆନାଟୋମି ବିଭାଗର ମୁଖ୍ୟ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର (ଡାକ୍ତର) ସୀତାଂଶୁ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ 'ଗଟ୍ ଟୁ ମାଇଣ୍ଡ' ଆଣ୍ଡ ଇରିଟେବଲ୍ ବାଉଲ୍ ସିଣ୍ଡ୍ରୋମ୍ ପ୍ରସଙ୍ଗ ବିଷୟବସ୍ତୁ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଫେସର (ଡାକ୍ତର) ସୌର୍ଯ୍ୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ବିରୋଧୀ ଦଳଗୁଡ଼ିକ ଏକାଠି

ସ୍ୱାଧୀନତାର ୩୦ ବର୍ଷ ପରେ କଂଗ୍ରେସ ପରାଜିତ ହୋଇ କ୍ଷମତାଚ୍ୟୁତ ହୋଇଥିଲା। ଏହା ଥିଲା ଜେପିଙ୍କ ଆନ୍ଦୋଳନର ପ୍ରଭାବ। ସେହିଠାରୁ ହିଁ ବସ୍ତୁତଃ ଭାରତରେ ମେଣ୍ଟ ରାଜନୀତିର ଅୟମାରମ୍ଭ ହୋଇଥିଲା ଏବଂ ଏହା ଆଜି ବି ଚାଲିଛି। ଶାସକ ଦଳକୁ ପରାଜିତ କରିବାକୁ ହେଲେ ବିରୋଧୀ ରାଜନୈତିକ ଦଳମାନଙ୍କୁ ନିଜ ଭିତରେ ଥିବା ମତପାର୍ଥକ୍ୟ ଏବଂ ଆଦର୍ଶଗତ ବିଭେଦକୁ ଭୁଲି ଏକାଠି ହେବାକୁ ପଡ଼ିବ, ତାହା ଜେପି ଶିଖାଇଥିଲେ। ଠିକ ସେହିପରି ଅଶୀ ଦଶକର ଶେଷ ଭାଗରେ ବୋଫର୍ସ ଦୁର୍ନୀତି ପୁଣି ଥରେ ଭାରତରେ ଅଣକଂଗ୍ରେସ ଦଳମାନଙ୍କୁ ଏକତ୍ରିତ କରିଥିଲା ଏବଂ ଏହା କଂଗ୍ରେସର ପତନର କାରଣ ହୋଇଥିଲା। ଏବେ ଭାରତୀୟ ରାଜନୀତିରେ ପୁନର୍ବାର ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ବା ଏନଡିଏକୁ ପରାଜିତ କରିବା ନିମନ୍ତେ କଂଗ୍ରେସ ନେତୃତ୍ୱରେ ପ୍ରମୁଖ ବିରୋଧୀ ଦଳ ଗୁଡ଼ିକ ଏକାଠି ହୋଇଛନ୍ତି। କଂଗ୍ରେସ ନେତୃତ୍ୱରେ ୨୦ଟି ଦଳକୁ ନେଇ ଗଠିତ ଇଣ୍ଡିଆ ।ମେଣ୍ଟ ନାମରେ ଏହିସବୁ ଦଳ ଗୁଡ଼ିକର ଅଭିଯୋଗ ହେଲା ମୋଦି-ଶାହଙ୍କ ଇଙ୍ଗିତରେ ନିର୍ବାଚନ କମିଶନର ବିଜେପିକୁ ଭୋଟ ଚୋରିରେ ସହଯୋଗ କରୁଛନ୍ତି। ବିଜେପି ଭୋଟ ଚୋରି କରି ନିର୍ବାଚନ ଜିତୁଛି। ଏପରିକି ୨୦୧୪ରେ କେନ୍ଦ୍ରରେ ଉପା ସରକାର ଥିବା ବେଳେ ମଧ୍ୟ ବିଜେପି ଭୋଟ ଚୋରି କରି ନିର୍ବାଚନ ଜିତିଥିଲା। ବିରୋଧୀ ଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିଶନର ବା ସିଇସି ଜ୍ଞାନେଶ କୁମାର ଷଡ଼ଯନ୍ତ୍ରର ମୁଖ୍ୟ ଖଳନାୟକ। ଏସଆଇଆର ମାଧ୍ୟମରେ ସେ ଭୋଟର ତାଲିକାରେ ଯେଉଁ ସଂଶୋଧନ କରୁଛନ୍ତି, ତାହା ତ୍ରୁଟି ପୂର୍ଣ୍ଣ ଏବଂ କେବଳ ବିଜେପିକୁ ସୁହାଇବା ପାଇଁ ଏପରି କରାଯାଉଛି। କଂଗ୍ରେସ, ଟିଏମସି ଭଳି ଦଳମାନେ ନିର୍ବାଚନରେ ପରାଜୟକୁ ଗ୍ରହଣ କରିପାରୁନାହାଁନ୍ତି। କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଯେଉଁଠି କଂଗ୍ରେସ ବା ଏହାର ସହଯୋଗୀ ଦଳ ଜିତିଛନ୍ତି, ସେଠାରେ ସବୁ ଠିକ ଅଛି। କିନ୍ତୁ ଯେଉଁଠି ବିଜେପି ଜିତିଛି, ସେଠାରେ ଇଭିଏମ ଗଡ଼ବଡ଼ ହୋଇଛି, ଜାଲ ଭୋଟ ହୋଇଛି, ଭୋଟ ଚୋରି ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଆସୁଛି। ମମତା ବାନାର୍ଜୀଙ୍କୁ ପଶ୍ଚିମବଙ୍ଗବାସୀ ନିର୍ବାଚନରେ ପ୍ରତ୍ୟାଖ୍ୟାନ କଲେ, କିନ୍ତୁ ସେ ଏହାକୁ ଗ୍ରହଣ ନକରି ଭୋଟ ଚୋରି କରି ବିଜେପି ଜିତିଛି ବୋଲି କହୁଛନ୍ତି। ବଡ଼ ବିବାଦ ହୋଇଛି ଏସଆଇଆରକୁ ନେଇ। ଏସଆଇଆରର ଉଦ୍ଦେଶ୍ୟ ହେଲା ଦେଶରେ ଏକ ନିର୍ଭୁଲ ଏବଂ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା। ସବୁ ରାଜ୍ୟରେ ପର୍ଯ୍ୟାୟକ୍ରମେ ଏହା କରାଯାଉଛି। ଏଥିରେ ମୃତକ, ସ୍ଥାନାନ୍ତରିତ ଭୋଟରଙ୍କ ନାମ ତାଲିକାରୁ ବାଦ ଦିଆଯାଉଛି। ଏହା କିପରି ତ୍ରୁଟି ପୂର୍ଣ୍ଣ ହେଲା ତାହା ବୁଝି ହେଉନି। କିଛି ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି। ସେମାନଙ୍କ ନାମକୁ ଗୋଟିଏ ନିର୍ବାଚନମଣ୍ଡଳୀରେ ରଖାଯାଇ ବାକି ସବୁ ସ୍ଥାନରେ କଟାଯାଉଛି। ଯେଉଁମାନଙ୍କର ଏଥିରେ ଆପତ୍ତି ଅଭିଯୋଗ ରହିଛି ବା ଯେଉଁମାନେ ଭୋଟର ତାଲିକାରେ ସାମିଲ ହେବାକୁ ଆଗ୍ରହୀ ବା ଯୋଗ୍ୟ, ସେମାନେ ଏଥିପାଇଁ ଆବେଦନ କରିବାର ସୁଯୋଗ ମଧ୍ୟ ରହିଛି। କଂଗ୍ରେସ କହୁଛି ଯେ, ଦେଶରେ ୧୩ କୋଟି ଭୋଟରଙ୍କ ନାମ କଟିଛି। କିନ୍ତୁ ସେମାନଙ୍କ ମଧ୍ୟରୁ ସାଢ଼େ ୬ କୋଟି ଭୋଟର ମୃତକ ଏହାକୁ କଂଗ୍ରେସ ବା ଟିଏମସି ସ୍ୱୀକାର କରୁନି। କଂଗ୍ରେସ ଓ ଟିଏମସିର ଅଭିଯୋଗ ହେଲା ନିର୍ବାଚନ କମିଶନ ଜାଣିଶୁଣି ସଂଖ୍ୟାଲଘୁ ଭୋଟରଙ୍କ ନାମକୁ ତାଲିକାରୁ ବାଦ ଦେଇଛି। କାରଣ ସେମାନେ ହେଲେ କଂଗ୍ରେସ ବା ଅଣବିଜେପି ଦଳର ସମର୍ଥକ । କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି ଅନୁପ୍ରବେଶକାରୀ ବା ବିଦେଶୀ। ଅନେକଙ୍କର ଭାରତୀୟ ନାଗରିକ ହେବାର ପ୍ରମାଣ ନାହିଁ। ତେଣୁ ସ୍ୱାଭାବିକ ଭାବେ ସେମାନଙ୍କ ନାମ ସ୍ୱାଭାବିକ ଭାବେ ଭୋଟର ତାଲିକାରୁ ବାଦ ପଡ଼ିବ।

# ସୋସିଆଲ ମିଡ଼ିଆ ଓ ଟ୍ରେଡିଂ ଆପ୍ ଠକେଇ

॥ ଯୁଧିଷ୍ଠିର ମହାରଣା ॥

ଘରେ ବସି କମ ସମୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି ? ଏଥିପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କାହାକୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ। ଘରେ ବସି ମାସିକ ୫୦୦ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରିବେ। କେବଳ ସ୍ମାର୍ଟଫୋନ ଥିଲେ ଯଥେଷ୍ଟ। ଆପଣଙ୍କୁ କେବଳ ଏକ ଭିଡ଼ିଓ ଲିଙ୍କ ପଠାଯିବ। ସେହି ଭିଡ଼ିଓକୁ ଆପଣ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଲାଇକ, ସେୟାର ଓ କମେଣ୍ଟ କରିବେ। ଯଦି ଏହି ସୁଯୋଗର ଲାଭ ଉଠେଇବାକୁ ଚାହୁଁଛନ୍ତି ତେବେ ଆମର ହ୍ୱାଟସଆପ୍ ନମ୍ବର ୯୨୩୩୩୩୩୩୩୩ରେ ଜଏନ କରନ୍ତୁ। ଏପରି ବିଜ୍ଞାପନ ଆଜିକାଲି ସମସ୍ତଙ୍କ ଫେସବୁକ ଓ ହ୍ୱାଟସପଆପକୁ ଆସୁଛି। ରୋଜଗାର ଆଶାୟୀ ଯୁବକଯୁବତୀ ଓ ଗୃହିଣୀ ଘରେ ବସି ଅର୍ଥ ହାସଲ କରିବା ଲାଳସାରେ ସାଇବର ଅପରାଧୀଙ୍କ ଜାଲରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି। ପ୍ରଥମେ କିଛି ଟଙ୍କା ପଠାଇ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହାଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆପଣ ବିଶ୍ୱାସରେ ଟଙ୍କା ପଠାଇ ଚାଲନ୍ତି ଏବଂ ଆପଣଙ୍କ ନିବେଶ ବଢ଼ିବାରେ ଲାଗେ। ଯେତେବେଳେ ଲକ୍ଷାଧିକ ଟଙ୍କା ପୈଠ କରିବା ପରେ ଆପଣ ଟଙ୍କା ଉଠାଇବାକୁ ଚାହିଁବେ ହଠାତ ରାତାରାତି ସେଇ ସାଇଟ ବନ୍ଦ ହୋଇଯିବ। ନ ହେଲେ ଦେଖାଇବ ନଟ ରେସପଣ୍ଡିଙ୍ଗ, ଦ ସରଭର ଇଜ ଅଣ୍ଡର ପ୍ରୋସେସ। ଆପଣ ପୁଣି ଏହାକୁ ଲଗ ଇନ କରିବାକୁ ଚେଷ୍ଟା କରିବେ ଏହି ପର୍ଯ୍ୟାୟ ଚାଲୁଥିବା ସମୟ ଭିତରେ ଠକମାନେ ସେମାନଙ୍କ ସଂସ୍ଥା ବନ୍ଦ କରି ସାରିଥିବେ।

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ୍ୟ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି। ଏହି ଅଦୃଶ୍ୟ ଜଗତର ଠକେଇ ଓଡ଼ିଶାରେ ବି ଛାଇଗଲାଣି। ଗଲା ମାର୍ଚ୍ଚରେ ଅନୁଗୁଳ ବଅଁରପାଳର ନରେନ୍ଦ୍ର ସାହୁଙ୍କଠୁ ୨୫ ଲକ୍ଷ ଲୁଟିଥିଲେ। କୌଣସି ଟ୍ରେଡିଂ ସମ୍ପର୍କିତ ଆପକୁ ଇନଷ୍ଟଲ କରିବା ପୂର୍ବରୁ ଲୋକମାନେ ଆପକୁ ନେଇ କଣ ମତ ଓ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଧ୍ୟାନ ଦିଅନ୍ତୁ। ତୃତୀୟ ପକ୍ଷ ଷ୍ଟୋର ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ କିମ୍ବା ସୋସିଆଲ ମିଡିଆ ପୋଷ୍ଟ / ନାଟ୍/ଏସଏମଏସରୁ ଟ୍ରେଡିଂ ସମ୍ପର୍କିତ ଆପ ଡାଉନଲୋଡ଼ କରନ୍ତୁ ନାହିଁ। ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ ଷ୍ଟୋର ଭଳି ଭରସାଯୋଗ୍ୟ ସ୍ରୋତରୁ ହିଁ ଟ୍ରେଡିଂ ଆପ ଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଆପ ଡାଉନଲୋଡ଼ କରିବା ପୂର୍ବରୁ ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଇ ନିଅନ୍ତୁ। କୌଣସି ଆପକୁ ଅନୁମତି ଦେବା ପୂର୍ବରୁ ଉକ୍ତ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। ଟ୍ରେଡିଂରେ ଟଙ୍କା ନିବେଶ ପୂର୍ବରୁ ଆପ ପ୍ରତିଶ୍ରୁତି ଓ ଯୋଜନାକୁ ସତର୍କତାପୂର୍ବକ ଯାଞ୍ଚ କରନ୍ତୁ। ଆପ ଚଳାଇବା ପାଇଁ କେବଳ ଆବଶ୍ୟକୀୟ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରୀ, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ବିକଳ୍ପକୁ ଅନୁମତି ଦିଅନ୍ତୁନି। ଆପଣଙ୍କ ଆପର ଲଗଇନ ତଥ୍ୟକୁ କୌଣସି ମତେ ଅନ୍ୟ କାହା ସହ ସେୟାର କରନ୍ତୁନି। ସମ୍ବେଦନଶୀଳ ସୂଚନାଭିତ୍ତିକ କ୍ଷେତ୍ରରେ ବହୁସ୍ତରୀୟ ପ୍ରମାଣକୁ ଅନ କରନ୍ତୁ।

ଏହା ସହିତ ଅନଲାଇନ ଲୋନ ଆପ୍, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି।

ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି।

# ଭାରତୀୟ ନ୍ୟାୟ ସଂହିତା ଓ ହିଟ ଆଣ୍ଡ ରନ୍

॥ ଅଲେଖ ଚନ୍ଦ୍ର ସାମଲ ॥

ମନେପକାନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୨୮ ତାରିଖ ମୁମ୍ବାଇ ବାନ୍ଦ୍ରାର ସେହି ଅଶୁଭ ରାତିର ଘଟଣାଟିକୁ ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ବିଳାସପୂର୍ଣ୍ଣ ଟୋୟୋଟା ଲ୍ୟାଣ୍ଡକ୍ରୁଇଜର ଏକ ବେକରୀ ବାହାରେ ଫୁଟପାଥରେ ଶୋଇଥିବା ପାଞ୍ଚଜଣଙ୍କ ଉପରେ ଏକ ପ୍ରକାର ଦଳି ଚକଟି ସେମାନଙ୍କ ଅକାରଣରେ ଜୀବନ ନେଇଯାଇଥିଲା। ବିଚାର ହୋଇ ସଲମାନ ଖାନଙ୍କୁ ମୁମ୍ବାଇ ସେସନ କୋର୍ଟ ତାଙ୍କୁ ପାଞ୍ଚବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଅନ୍ତଃ ଘଟିବାକୁ ତେର ବର୍ଷ ସମୟ ଲାଗିଥିଲା। ଏପରି ଅନେକ ହିଟ ଆଣ୍ଡ ରନ ମାମଲା ସାଧାରଣରେ ଆଲୋଡ଼ନ ଓ ଅଭାବନୀୟ ଚର୍ଚ୍ଚା ସୃଷ୍ଟି କରିଥାଏ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସିଥିବା ଭାରତୀୟ ନ୍ୟାୟ ସଂହିତା ଆଇନ ପାରିତ ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହି ନୂତନ ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାକୁ ନେଇ ଯେଉଁ ଦଣ୍ଡ ବିଧାନ ରହିଛି ତାହା ଗାଡ଼ି ଚାଳକଙ୍କ ଭିତରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ ଦେଶରେ ହିଟ ଆଣ୍ଡ ରନ୍ ମାମଲା ବୃଦ୍ଧିକୁ ରୋକିବା ପାଇଁ ଏପରି କଠୋର ନିୟମର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି କଡ଼ା ନିୟମ ଲାଗୁ ହେଲେ ଗାଡ଼ି ଚାଳକମାନେ ସତର୍କ ରହିବେ ଏବଂ ଦୁର୍ଘଟଣା ଘଟିବା ପରେ ପୀଡ଼ିତଙ୍କୁ ସଠିକ ସହାୟତା ନ ମିଳୁଥିବାରୁ ଏହି ନୂଆ ଆଇନରେ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ଭାବେ ବିଚାର ରହିଛି। ଏଠାରେ ସୂଚନା ଥାଉକି ହିଟ୍ ଆଣ୍ଡ ରନ୍ ମାମଲାରେ କଠୋର ଦଣ୍ଡ ପାଇଁ ଅନେକ ଦିନରୁ ସବୁ ମହଲରୁ ଦୃଢ଼ ଦାବୀ ହୋଇଆସୁଥିଲା। କେବଳ ସେତିକି ନୁହେଁ ମାନ୍ୟବର ସୁପ୍ରିମକୋର୍ଟ ଏନେଇ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ସମ୍ପର୍କରେ ମଧ ନିଜ ମତ ରଖିଥିଲେ।

ଆସନ୍ତା ସର୍ବପ୍ରଥମେ ଜାଣିବା ପ୍ରକୃତରେ ଏହି ହିଟ୍ ଆଣ୍ଡ ରନ୍ ମାମଲା କ'ଣ? ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାନ୍ତି; ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟେ ଏବଂ ଦୁର୍ଘଟଣା ପରେ ତୁରନ୍ତ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ନ ଜଣାଇ ସଂପୃକ୍ତ ଚାଳକ ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଆନ୍ତି ଏ ପ୍ରକାର ଘଟଣାକୁ ହିଟ ଆଣ୍ଡ ରନ ମାମଲା ରୂପେ ବିବେଚନା କରାଯାଇଥାଏ। ନୂଆ ନିୟମ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ (୨) ଅନୁଯାୟୀ ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଗାଡ଼ି ଚାଳନା କରି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଥାଏ ଏବଂ ଦୁର୍ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ନଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଏ ତେବେ ତାଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ ଦେବାକୁ ପଡ଼ିବ।

ଏହା ପୂର୍ବରୁ ଆମର ପୁରୁଣା କାଳିଆ ବ୍ରିଟିଶ ସମୟର ପ୍ରଚଳିତ ରହିଥିବା ଭାରତୀୟ ଦଣ୍ଡବିଧି ଆଇନ ଆଇପିସିରେ ହିଟ ଆଣ୍ଡ ରନ ମାମଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏହି ଧାରା ଅନୁଯାୟୀ ବେପରୁଆ ଚାଳନା କିମ୍ବା ଅବହେଳା ଜନିତ କାର୍ଯ୍ୟ ଯୋଗୁ ଅନ୍ୟର ମୃତ୍ୟୁ ଘଟିଲେ ସର୍ବାଧିକ ୨ବର୍ଷ ପାଇଁ ଜେଲ ଦଣ୍ଡ କିମ୍ବା ଜରିମାନା ହେଉଥିଲା। କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଉଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ହିଟ ଆଣ୍ଡ ରନ ମାମଲାକୁ ଅନ୍ୟାନ୍ୟ ମାମଲା ଭଳି ରୁଜି କରାଯାଉଥିଲା।

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଏନସିଆରବି ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୪୭୮୦୬ ହିଟ ଆଣ୍ଡ ରନ ଘଟଣାରେ ୫୦୮୧୫ ଜଣଙ୍କ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ହିଟ ଆଣ୍ଡ ରନ ମାମଲାରେ ପାଖାପାଖି ୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଦୈନିକ ୧୪୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ୪୭୫୩୦ଟି ଘଟଣା ୪୩୪୯୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ଯେଉଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ କେହି କେହି ଏହାକୁ ଏକ ଯାଜନାବଦ୍ଧ ଅପରାଧ ନୁହେଁ ବୋଲି ବିଚାର କରି ଏହି ଘଟଣାରେ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜରିମାନାକୁ ନାପସନ୍ଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜଣେ ଗାଡ଼ି ଚାଳକର ଜଣାତରେ ଏଭଳି ଘଟଣା ହୋଇନଥାଏ ଏବଂ ଜଣେ ଗାଡ଼ି ଚାଳକର ମଧ ନିଜ ବଞ୍ଚିବାର ଅଧିକାର ଅଛି। ତେଣୁ ଏଭଳି କଠୋର ଦଣ୍ଡ ବ୍ୟବସ୍ଥା ଜଣେ ଗାଡ଼ି ଚାଳକକୁ ସମ୍ବିଧାନର ଧାରା ୨୧ ପ୍ରଦାନ କରିଥିବା ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ଯାହାହେଉନା କାହିଁକି ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଏବଂ ସର୍ବୋପରି ଭାରତୀୟ ନ୍ୟାୟ ସଂହିତାକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ପଡ଼ିବ। ହିଟ୍ ଆଣ୍ଡ ରନ୍ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଓ ଅମାନବୀୟ ଜଘନ୍ୟ ତ୍ରୁଟି କହିଲେ ଅତ୍ୟୁକ୍ତି ହେବନାହିଁ। ନିଶାସକ୍ତ ହୋଇ ଗାଡ଼ି ଚଳାଇବା, ମୋବାଇଲ ଫୋନରେ କଥା ହେବା ଏବଂ ପୂର୍ବରୁ ଅନ୍ୟ କୌଣସି ଦୁର୍ଘଟଣାକରି ହଡ଼ବଡ଼ ହୋଇଯାଇ ଦ୍ରୁତ ଗାଡ଼ି ଚାଳନା ତଥା ସଠିକ ଭାବେ ଗାଡ଼ି ଚଳାଇବା ପ୍ରଶିକ୍ଷଣ ଶିକ୍ଷା ନକରି ମଧ ଗାଡ଼ି ଚଳାଇବା ଏହିପରି ଅନେକ ପ୍ରମୁଖ କାରଣ ପାଇଁ ଏପରି ଦୁର୍ଘଟଣା ସଂଗଠିତ ହୋଇଥାଏ। ଗାଡ଼ି ଚାଳନା କ୍ଷେତ୍ରରେ ସଂଯମତା ଓ ସୁରକ୍ଷିତ ଗାଡ଼ି ଚଳାଇବା ମଧ ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଆମ ସମସ୍ତଙ୍କର ଏପରି କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ମଧ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯

# ବୃକ୍ଷ ରୋପଣ ଓ ପରିବେଶ

॥ ଅଲେଖ ଚନ୍ଦ୍ର ସାମଲ ॥

ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି। ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍ଲା ଠାରୁ ଢ଼େର ଆଗରେ ଏସବୁ ଜିଲ୍ଲାର ତାପମାତ୍ରା ରହିଲା ଭାରତ ବର୍ଷରେ ବି ନୂଆ ରେକର୍ଡ଼ କଲା। ଆମେ ଭଲ ଭାବେ ଜାଣିଛେ ଜଙ୍ଗଲ ସବୁବେଳେ ସ୍ଥାନୀୟ ଜଳବାୟୁର ସ୍ଥାୟିତ୍ୱ ବୃଦ୍ଧି ସହିତ ପରିସଂସ୍ଥାନ, ଜୈବ-ବିବିଧତା, ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ଚକ୍ର ନିୟନ୍ତ୍ରଣ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ସହର ମଧ୍ୟରେ ଜଙ୍ଗଲ ଆବରଣ ଉତ୍ତାପକୁ ଶୋଷଣ କରିବା ସହ ସ୍ଥାନୀୟ ତାପମାତ୍ରାକୁ ପ୍ରଭାବିତ କରିଥାଏ ଏବଂ ରେଫ୍ରିଜରେଜେସନ ବା ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ଏହା ସ୍ଥାନୀୟ ଜଳବାୟୁକୁ ଥଣ୍ଡା କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହାର ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ଜଙ୍ଗଲ ମୃତ୍ତିକା ସବୁବେଳେ ଅଣ-ଜଙ୍ଗଲ ମୃତ୍ତିକା ତୁଳନାରେ ଅଧିକ ଜଳ ଧାରଣ କରିବା କ୍ଷମତା ରଖେ। ଅନ୍ୟଥା କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବାର ଭୟ ରହିଛି। ଏବଂ ଏସବୁ ସ୍ଥାନରେ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ। ଯଦିଓ ବୃକ୍ଷରୋପଣ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ନୁହେଁ, ଏହା କିନ୍ତୁ ଗୋଟିଏ ବଡ଼ କାରଣ ବୋଲି କୁହାଯାଇପାରେ। ଅଧିକ ବୃକ୍ଷ ଥିଲେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଯିବ ଏବଂ ଉତ୍ତାପ ଶୀଘ୍ର ହ୍ରାସ ପାଇବ। ଏହା ସହିତ ବର୍ଷାର ପରିମାଣ ବୃଦ୍ଧିରେ ମଧ ସହାୟକ ହେବ। କେଉଁ ଅଞ୍ଚଳରେ ଖଣ ଭବିଷ୍ୟତରେ ନିର୍ମାଣ ବା କାର୍ଯ୍ୟ ହାତକୁ ନିଆଯିବ, ସେ ସଂକ୍ରାନ୍ତରେ ଗୋଟିଏ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା ପରେ ବୃକ୍ଷରୋପଣ କରାଗଲେ ବା ବୃକ୍ଷକୁ ସୁରକ୍ଷା ଦେଇ ବିକାଶର ମାନଚିତ୍ର ପ୍ରସ୍ତୁତ କଲେ ସ୍ଥିତିରେ ଉନ୍ନତି ଘଟନ୍ତା। ଗୁଜୁରାଟ ସରକାରଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ। ଗଛ କଟାଯିବା ପରେ ଏହାର ଦଶଗୁଣ ଗଛ ଲଗାଯାଉଥିବା କୁହାଯାଉଛି। ହେଲେ ସେ ଗଛ ଲାଗୁଛି କେଉଁଠି ? ଅନ୍ୟ କୌଣସି ଅଞ୍ଚଳରେ ବୃକ୍ଷ ଲଗାଗଲେ, କଟାଯାଇଥିବା ଅଞ୍ଚଳର ପାଣିପାଗରେ କି ପରିବର୍ତ୍ତନ ହେବ ? ତୃତୀୟ କଥାଟି ହେଲା ଘର ନିର୍ମାଣ ପାଇଁ ଅନୁମତି ଦିଆଯିବା ବେଳେ ପୂର୍ବରୁ ସାଢ଼େ ପାଞ୍ଚଫୁଟ ପର୍ଯ୍ୟନ୍ତ ଜାଗା ଛାଡ଼ିବାକୁ କୁହାଯାଉଥିଲା। ଏବେ ତିନି ବା ସାଢ଼େ ତିନି ଫୁଟ ଛାଡ଼ିଲେ, ସେଥିରେ କେଉଁ ଗଛ ଲାଗିପାରିବ ? ଏଭଳି ଅନେକ ବ୍ୟତିକ୍ରମ ଜଙ୍ଗଲ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କଲାଣି।

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଆଗାମୀ ପାଂଚବର୍ଷ ପାଇଁ ବନ୍ଦର କର୍ମଚାରୀମାନଙ୍କ ଉତ୍ପାଦନ ଭିତିକ ପ୍ରୋତ୍ସାହନ ରାଶି ବୃଦ୍ଧି ପାଇଁ ଦାବୀ



ପାରାଦୀପ, (ମହାଭାରତ): ବୃହତ ବନ୍ଦରଗୁଡିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଉତ୍ପାଦନ ଭିତିକ ପ୍ରୋତ୍ସାହନ ରାଶି (ପିଏଲଆର) ଆସନ୍ତା ୫ବର୍ଷ ପାଇଁ ପୁର୍ନବିଚାର କରିବା ପାଇଁ ଗୁରୁବାର ଦିନ ନୂଆଦିଲ୍ଲୀସ୍ଥିତ ଭାରତୀୟ ବନ୍ଦର ସଂଘ କାର୍ଯ୍ୟାଳୟରେ ଏହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା ।୨୦୨୬ରୁ ୨୦୩୧ ପର୍ଯ୍ୟନ୍ତ ୫ବର୍ଷ ପାଇଁ ପିଏଲଆର୍ ନିର୍ଦ୍ଧାରଣ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସମସ୍ତ ବୃହତ ବନ୍ଦର ଅଧ୍ୟକ୍ଷ, ଭାରତୀୟ ବନ୍ଦର ସଂଘର ଅଧ୍ୟକ୍ଷ ଏବଂ ବିଭିନ୍ନ ମହାସଂଘର ସଭାପତି ଓ ସାଧାରଣ ସମ୍ପାଦକମାନେ ଯୋଗ ଦେଇଥିଲେ । ଭାରତୀୟ ବନ୍ଦର ଓ ଡକ୍ ମଜଦୂର ସଂଘର ସଭାପତି ଶ୍ରୀକାନ୍ତ ରାୟ, ସାଧାରଣ ସମ୍ପାଦକ ସୁରେଶ ପାଟିଲ୍ ଏହି ବୈଠକରେ ଯୋଗ ଦେଇ ମହାସଂଘ ପକ୍ଷରୁ ବିଭିନ୍ନ ଦାବୀ ଓ ମତାମତ ଉପସ୍ଥାପନ କରିଥିଲେ । ମହାସଂଘ ପକ୍ଷରୁ ପ୍ରଚଳିତ ପିଏଲଆରର ସର୍ବନିମ୍ନ ସୀମାରାଶି ହଟାଇବା କିମ୍ବା ଏହାକୁ ଯଥେଷ୍ଟ ବୃଦ୍ଧି କରିବାକୁ ଦାବୀ କରାଯାଇଥିଲା । ଏଥି ସହିତ ବନ୍ଦରରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ମଧ୍ୟ ପିଏଲଆର ପରିସରଭୁକ୍ତ କରିବାକୁ ମହାସଂଘ ଦାବୀ ଉପସ୍ଥାନ କରିଥିବା ନେଇ ଭାରତୀୟ ବନ୍ଦର ଓ ଡକ୍ ମଜଦୂର ସଂଘ ପକ୍ଷରୁ ସୂଚନା ମିଳିଛି । ବନ୍ଦର କର୍ମଚାରୀମାନଙ୍କ ଆର୍ଥିକ ସ୍ୱାର୍ଥ ଓ ଠିକା କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ଉପରୋକ୍ତ ଦାବୀଗୁଡିକ ଉପରେ ବିଚାର କରିବାକୁ ମହାସଂଘ ପକ୍ଷରୁ ମତ ରଖାଯାଇଥିବା ନେଇ ସୂଚନା ମିଳିଛି ।

## ଧାମନଗର କଂଗ୍ରେସ ନେତା ଓ କର୍ମୀଙ୍କ ପ୍ରତିବାଦ



ଧାମନଗର, (ମହାଭାରତ): ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ କରି ଧାମନଗର ବ୍ଲକର ଚୁଡ଼ାକୁଟି ବଜାର ଠାରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ଓ ପ୍ରତିବାଦ କରାଯାଇଛି । ଧାମନଗର ରୁ ଭାଦ୍ରକ, ଭାୟା ଚୁଡ଼ାକୁଟି,ମୁଖ୍ୟ ରାସ୍ତା ଉପରେ ଦଳୀୟ ନେତା ଓ କର୍ମୀମାନେ ଏକାଠି ହୋଇ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହାର ପ୍ରଭାବରେ ଅନେକ ସମୟ ପାଇଁ ରାସ୍ତାରେ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିବା ଦେଖାଯାଇଥିଲା । ଏହି ବନ୍ଦ ପାଳନରେ ପୂର୍ବତନ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ହୃଦାନନ୍ଦ ସେଠୀ, ଦଇପୂର୍ ପଞ୍ଚାୟତ କଂଗ୍ରେସ୍ କମିଟି ସଭାପତି ବିଭୂତି ପଣ୍ଡା, ଚୁଡାକୁଟି ପଞ୍ଚାୟତ କଂଗ୍ରେସ୍ କମିଟି ସଭାପତି ଶଶିଭୂଷଣ ବିଶ୍ୱାଳ, ପୂର୍ବତନ ଚୁଡ଼ାକୁଟି ପଞ୍ଚାୟତ କମିଟି ସଭାପତି ସୁରେନ୍ଦ୍ର ପୋଇ, ବ୍ଲକ କଂଗ୍ରେସ୍ କମିଟି ର ସାଧାରଣ ସମ୍ପାଦକ ନାରାୟଣ ସୂତାର, ପୂର୍ବତନ ସରପଞ୍ଚ ପାର୍ଥୀ ଗୋଲକ ଜେନା,କର୍ମୀ ଅଶୋକ ପୋଇ, ଶରତ ଦାସ, ନନ୍ଦ କିଶୋର ବେହେରା, ଉଦ୍ଧବ ସାହୁ, ଦୟାନିଧି ସାହୁ,ନିତ୍ୟାନନ୍ଦ ଗଣ, କେଶବ ଚନ୍ଦ୍ର ସାହୁ,ଦୋଳଗୋବିନ୍ଦ ମାଝୀଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ । ବନ୍ଦ ସମୟରେ ରାସ୍ତା ଉପରେ ଅସ୍ଥାୟୀ ବ୍ୟବସ୍ଥା କରାଯାଇ ନେତା ଓ କର୍ମୀମାନେ ବସିଥିଲେ । ହାତରେ ଦଳୀୟ ପତାକା ଧରି ବନ୍ଦ ସମର୍ଥନରେ ସ୍ଲୋଗାନ ଦେବା ସହ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରତିବାଦ କରାଯାଇଥିଲା । ଚୁଡ଼ାକୁଟି ଅଞ୍ଚଳରେ ବନ୍ଦର ପ୍ରଭାବ ଯେପରି ରହିବ, ସେଥିପାଇଁ ଦଳୀୟ କର୍ମୀମାନେ ଲୋକଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ବନ୍ଦ ପାଳନକୁ ନେଇ ଚୁଡ଼ାକୁଟି ଅଞ୍ଚଳରେ ପୁଲିସ ପକ୍ଷରୁ ମଧ୍ୟ ନଜର ରଖାଯାଇଥିଲା ।

## ଓଡ଼ିଶା ବନ୍ଦର ପ୍ରଭାବ, ରାଇଘରରେ ବନ୍ଦ ରହିଲା ଦୋକାନ ବଜାର



ରାଇଘର, (ମହାଭାରତ): ଓଡ଼ିଶା ବନ୍ଦର ପ୍ରଭାବ ରାଇଘର ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି । ଗୁରୁବାର ରାଇଘର ମୁଖ୍ୟ ବଜାରସ୍ଥିତ ହନୁମାନ ମନ୍ଦିର ସମ୍ମୁଖରେ କଂଗ୍ରେସର ଶତାଧିକ କର୍ମୀ ଏକତ୍ରିତ ହୋଇ ବନ୍ଦକୁ ସମର୍ଥନ ଜଣାଇଥିଲେ । ବିଭିନ୍ନ ଦୋକାନ ବଜାର ବନ୍ଦ କରାଯାଇଥିବା ସହ କର୍ମୀମାନେ ଧାରଣାରେ ବସି ସ୍ଲୋଗାନ ଦେଇଥିଲେ ।ରାଇଘରର କଂଗ୍ରେସ ନେତା ଶ୍ରୀ ସନରାଜ ଗଣ୍ଡଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏହି ଧାରଣାରେ ସାମିଲ ହୋଇଥିଲେ । ଆନ୍ଦୋଳନକାରୀମାନେ "ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ" ଭଳି ସ୍ଲୋଗାନ ଦେବା ସହ ବିଭିନ୍ନ ଦାବି ଉଠାଇଥିଲେ । ବନ୍ଦ ସମର୍ଥକଙ୍କ ଦାବି ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପଦତ୍ୟାଗ, ଓଡ଼ିଶା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପଦତ୍ୟାଗ, ଗଗଉଜ ସଂଶୋଧନ ଆଇନ ପ୍ରତ୍ୟାହାର ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଓ କ୍ଷତିପୂରଣ ପ୍ରଦାନ ଆଦି ରହିଛି ।ରାଇଘର ମୁଖ୍ୟ ବଜାର ସମେତ ଆଖପାଖ ଅଞ୍ଚଳର କେତେକ ସ୍ଥାନରେ ବନ୍ଦର ପ୍ରଭାବ ପଡ଼ିଥିବା ବେଳେ ଗାଁଗଣ୍ଡାରେ ମଧ୍ୟ ଏହାର ଆଂଶିକ ପ୍ରଭାବ ଦେଖାଯାଇଥିବା ଜଣାପଡ଼ିଛି । ତେବେ ଅଞ୍ଚଳରେ ଜନଜୀବନ କେତେ ଦୂର ପ୍ରଭାବିତ ହୋଇଛି, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜାରି ରହିଛି ।

## କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ପାରାଦୀପ, (ମହାଭାରତ): ନଭେମ୍ବର ମାସ ୨୩ ତାରିଖ ଠାରୁ ପାରାଦୀପ ସାଗର ବେଳାଭୂମିରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ସାତ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ । ଉଦଯାପନୀ ସମାରୋହରେ ମହାମହିମ ରାଜ୍ୟପାଳ ଯୋଗ ଦେବେ ବୋଲି ଗୁରୁବାର ଦିନ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ । ଏହି ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଚଳିତ ବର୍ଷର କଳିଙ୍ଗ ବାଲିଯାତ୍ରା ମହୋତ୍ସବର ସଫଳତା କାମନା କରିବା ସହିତ ସମସ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଇନ୍ ଶୃଙ୍ଖଳା ଦାୟିତ୍ୱ ସଫଳତାର ସହ କରାଯିବା ନେଇ ସୂଚନା ଦେଇଥିଲେ । ପରିମଳ ବ୍ୟବସ୍ଥାଠାରୁ ନେଇ ଆନ୍ୟାନ୍ୟ କାର୍ଯ୍ୟକ୍ରମକୁ ନିର୍ବାହ କରିବା ନେଇ ନଗରପାଳ ବସନ୍ତ ବିଶ୍ୱାଳ ସୂଚନା ଦେଇଥିଲେ । ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚଳିତ ବର୍ଷର ବାଲିଯାତ୍ରା ସଫଳ ଆୟୋଜନ କରାଯିବା ନେଇ କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଏଡିଏମ୍ ନିରଂଜନ ବେହେରା ସୂଚନା ଦେଇଥିଲେ । କମିଟିର ସଦସ୍ୟ/ସଦସ୍ୟା, ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଏହି ପ୍ରସ୍ତୁତି ବୈଠରେ ଯୋଗ ଦେଇଥିଲେ ।

## ବାଲିଚନ୍ଦ୍ରପୁରରେ ଓଡ଼ିଶା ବନ୍ଦ ଜନଜୀବନ ପ୍ରଭାବିତ



ବାଲିଚନ୍ଦ୍ରପୁର, (ମହାଭାରତ) : ନିର୍ବାଚନ କମିସନର ଜ୍ଞାନେଶ କୁମାର, ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ତଥା ଓଡ଼ିଶା ସ୍ୱାର୍ଥ ବିରୋଧି ଏମ.ଏମ.ଡ଼ି.ଆର ବିଲ ପ୍ରତ୍ୟାହାର ଦାବିରେ ବଡ଼ଚଣା ଇଣ୍ଡିଆ ବ୍ଲକ ତରଫରୁ ଆହ୍ୱାନ ଦିଆଯାଇଥିବା (ଓଡ଼ିଶା ବନ୍ଦ)ଡ଼ାକରାରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଦ ପ୍ରଭାବରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା । ବାଲିଚନ୍ଦ୍ରପୁର ବଜାର ସମେତ ଆଖପାଖ ସମସ୍ତ ବଜାର, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଜାତୀୟକରଣ ଓ ଘରୋଇ ବ୍ୟାଙ୍କ, ଦୋକାନ ବଜାର ବନ୍ଦ ହରିଥିବା ଦେଖିବାକୁ ମିଳିଥିଲା । ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ଥିଲା । କମ୍ୟୁନିଷ୍ଟ ନେତା ଅଜୟ କୁମାର ବିଶ୍ୱାଳ, କମ୍ରେଡ଼ ଇଶ୍ୱର ଚନ୍ଦ୍ର ପରିଡ଼ା, ପ୍ରାକ୍ତନ ଯାଜପୁର ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ସଂଜୟ କର, ଅଶୋକ ବେହେରା, ସୁଧିର କୁମାର ଦାସଙ୍କ ସକ୍ରିୟ ସହଯୋଗରେ ପ୍ରାକ୍ତନ ସରପଂଚ ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ସେକ୍ ରିଆସତ ଅଲ୍ଲି, ବଟକୃଷ୍ଣ ଦାସ, କରୁଣାକର ମହାରଣା, କା[illegible]କ ନାୟକ, ଚାନ୍ଦ ଖାଁ, ସୁଧାଂଶୁ ଶେଖର ଜେନା, ମନିସ କୁମାର ସାହୁ, କେଶବ ଚନ୍ଦ୍ର ଜେନା, ନାରାୟଣ ଦାସ, ବିଶ୍ୱଜିତ୍ ଜେନା, ମହେଶ୍ୱର ମହାପାତ୍ର, ସେକ୍ ଇକବାଲ ହୁସେନ୍, କାହ୍ନୁ ଚରଣ ଦାସ, ବିଶ୍ୱନାଥ ଜେନା, ସନ୍ତୋଷ କୁମାର ପରିଡ଼ା, ମହନି ମହାନ୍ତି, ଆଶିଷ କୁମାର ଧଳ, ରାଜେନ୍ଦ୍ର ଦାସ, ମନୋରଞ୍ଜନ ସ୍ୱାଇଁ, ଧର୍ମରାଜ ମହାନ୍ତି, ଉପେନ୍ଦ୍ର ବଳ, ଭରତ ଜେନା, ଅଶୋକ କୁମାର ରାଉତ, ଅଜୟ କୁମାର ଜେନା, ବାମଦେବ ସାମଲ, ଶିଶିର ମହାରଣା, ଉପେନ୍ଦ୍ର ସାହୁ, ସୁବାଷ ପରିଡ଼ା ପ୍ରମୁଖ ପିକେଟିଂ କରି ୧୮୯ ଜଣ କର୍ମୀ ଗିରଫ ହୋଇଥିଲେ । ବାଲିଚନ୍ଦ୍ରପୁର ଗ୍ରାମ ପଂଚାୟତ କଂଗ୍ରେସ ସଭାପତି ରବିନ୍ଦ୍ର କୁମାର ରାଉତ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ । ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ସବଇନିସପେକ୍ଟର ଦିପାଳିସ୍ମା ନାୟକ ଓ ଭଗବନ୍ତ ହାଁସଦା ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ବ୍ୟକ୍ତିଗତ ମୁଚାଲିକାରେ ବାଲିଚନ୍ଦ୍ରପୁର ଥାନା ପୋଲିସ ସମସ୍ତ ଆନ୍ଦୋଳନକାରୀ ମାନଙ୍କୁ ଛାଡ଼ି ଦେଇଥିଲେ ।

## ଓଡ଼ିଶା ବନ୍ଦ ଡାକରାରେ ସିପିଆଇ (ଏମ୍- ଏଲ୍) ନିଉ ଡେମୋକ୍ରାସୀ ପକ୍ଷରୁ ବନ୍ଦକୁ ସଫଳ କରିବାକୁ ପ୍ରତିବାଦ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଆଜି ଓଡ଼ିଶା ବନ୍ଦ ଡାକରା ରେ କେଦାର ଶବର ଙ୍କ ନେତୃତ୍ୱ ରେ ସିପିଆଇ (ଏମ୍- ଏଲ୍) ନିଉ ଡେମୋକ୍ରାସୀ ପକ୍ଷ ରୁ ପ୍ରତିବାଦ କରାଯାଇଛି ନୂତନ ବସ ଷ୍ଟାଣ୍ଡ ଠାରୁ ବାହାରି ହାଇସ୍କୁଲ ଠାରେ ପ୍ରତି ବାଦ କରିଥିବାର ଦେଖିବକୁ ମିଳିଛି ଦାବିଗୁଡ଼ିକ ପ୍ରକାଶ କରିଥିଲେ । ଦାବି ଗୁଡିକ ହେଲା ଭୋଟ ଚୋର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରର୍ ଇସ୍ତଫା ପ୍ରଦାନ, ନିର୍ବାଚନ କମିଶନର ନିଯୁକ୍ତି ଆଇନରେ ସଂଶୋଧନ, ଝଓଜ ପ୍ରକ୍ରିୟାକୁ ବାତିଲ କରିବା, ରାଜ୍ୟରେ ବିକାଶ ନାଁରେ ସବୁ ଖଣିକୁ ବଡ଼ ବଡ କମ୍ପାନୀ ହାତକୁ ଟେକିଦେବା ବନ୍ଦ କରିବା, ରାଜ୍ୟର ସ୍ୱାର୍ଥ ବିରୋଧୀ ତଥା ଆଦିବାସୀ ବିରୋଧୀ ଖଣି ଖଣିଜ ଆଇନ (ଗଗଉଜ ଇମସ୍ୱ- ୨୦୨୬) କୁ ବାତିଲ କରିବା ଆଦି ଦାବି ନେଇ ଆଜି ଈଓଡିଶା ବନ୍ଦଈ ର ଡାକରା ଦିଆଯାଇଛି । ବନ୍ଦକୁ ସଫଳ କରାଇବା ପାଇଁ ସିପିଆଇ (ଏମ୍- ଏଲ୍) ନିଉ ଡେମୋକ୍ରାସୀ ପକ୍ଷରୁ ପ୍ରତି ବାଦ କରାଯାଇଛି ।

## ଓଡିଶା ବନ୍ଦ ପାରାଦୀପରେ ସଫଳ



ପାରାଦୀପ, (ମହାଭାରତ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଓଡିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଆଦି ଦାବୀରେ ଓଡିଶା ପ୍ରଦେଶ କଂଗ୍ରେସ୍ କମିଟି ଆହ୍ୱାନରେ ୧୨ ଘ[illegible]ଆ ବନ୍ଦ ପାଳନ ପାରାଦୀପରେ ସଫଳ ହୋଇଛି । ରାଜ୍ୟର ୯ଗୋଟି ଦଳ ଏହି ବନ୍ଦକୁ ସମର୍ଥନ ଦେଇଥିଲେ । କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସ୍ କର୍ମୀମାନେ ପାରାଦୀପ ବନ୍ଦ କରିତିଲେ । ଏହି ବନ୍ଦ ଫଳରେ ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବଜାର ଆଦି ବନ୍ଦ ରହିଥିଲା । ଏହି ବନ୍ଦକୁ ପାରାଦୀପବାସୀ ସ୍ୱତପ୍ରବୃତ ଭାବେ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ପାରାଦୀପ ବନ୍ଦର ୪ ନମ୍ବର ଗେଟ୍ ସମ୍ମୁଖରେ କଂଗ୍ରେସ୍ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଫିକେଟିଙ୍ଗ କରିବାକୁ ଯିବା ବେଳେ ସେଠାରେ ଉପସ୍ଥିତ ଜନୈକ ସିଆଇଏସଏଫ କର୍ମଚାରୀ ବନ୍ଦକାରୀଙ୍କୁ ଅସମ୍ମାନିତ କରିବା ବେଳେ କିଛି ସମୟ ଧରି ସେଠାରେ ଉତେଜନା ଦେଖା ଦେଇଥିଲା । ପରେ ସଂପୃକ୍ତ ସିଆଇଏସଏଫ କର୍ମଚାରୀ ସେହି ସ୍ଥାନ ଛାଡି ଚାଲି ଯାଇଥିଲେ । ବନ୍ଦକାରୀମାନେ ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଫେରିଥିଲେ । ପାରାଦୀପର ବ୍ୟାଙ୍କ ଲାଇନ୍‌ର ଥିବା ବ୍ୟାଙ୍କ ଗୁଡିକୁ କଂଗ୍ରେସ୍କର୍ମୀମେନ ଅନୁରୋଧ କରିବା ପରେ ସେମାନେ ବନ୍ଦ କରିଥିଲେ । ଏହି ବନ୍ଦରେ ସିପିଆଇ, ସିପିଆଏମ୍, ସିଆଇଟିୟୁର କର୍ମୀମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

## ଥୁଆମୂଳ ରାମପୁର ବ୍ଲକରେ ଓଡିଶା ବନ୍ଦ ଡାକରା ଶାନ୍ତିଶୃଙ୍ଖଳାର ସହିତ ସଫଳ ହୋଇଯାଇଛି



ଥୁଆମୂଳ ରାମପୁର, (ମହାଭାରତ): (ଇଣ୍ଡିଆ) ମେଣ୍ଟ ଏବଂ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ସକାଳ ୬ ଟାରୁ ଆରମ୍ଭ ହୋଇ ସଂନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲିଥିଲା । ଭୋଟର ତାଲିକାରୁ ନାମ ବାଦ୍ ପଡିବା (ଏସଆଇଆର ବିବାଦ) ଏବଂ ଏମଏମଡିଆର ଆକ୍ଟ ପ୍ରତ୍ୟାହାର ଭଳି ଦାବିକୁ ନେଇ କଂଗ୍ରେସ ଓ ଅନ୍ୟ ୮ ଟି ବିରୋଧୀ ଦଳ ଏହି ପ୍ରତିବାଦ କରିଥିବାବେଳେ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ବନ୍ଦ ଡାକରା ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଦେବେନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଥୁଆମୂଳ ରାମପୁର ବ୍ଲକରେ ମଧ୍ୟ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରା ଦେଇଥିବା ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ୍ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଥିଲା । ବିଶେଷ କରି ଗାଡିମଟର ଚଳାଚଳରେ ବ୍ୟାହତ ଯାତ୍ରୀ ହନ୍ତସନ୍ତ, ତଥା ଦୋକାନ ବଜାରରେ ସିଧାସଳଖ ପ୍ରଭାବିତ ହେବା ଦେଖାଦେଇଥିଲା । ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ଦୋକାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ବନ୍ଦ ରଖିଥିଲେ । ଜରୁରୀକାଳୀନ ସେବାରେ ଯଥା ଆମ୍ବୁଲାନ୍ସ, ମେଡିକାଲ,ଫାୟାର ବ୍ରିଗେଡ ଭଳି ସମସ୍ତ ଜରୁରୀ ସେବାକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା । ଏହାଛଡା ପରୀକ୍ଷାର୍ଥୀ, ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀ ମାନଙ୍କୁ ଯାତାୟାତ ପାଇଁ ଛାଡ କରାଯାଇଥିଲା । ଥୁଆମୂଳ ରାମପୁର ବ୍ଲକରେ ବନ୍ଦ ଡାକରାରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦିକା ଦ୍ରୌପଦୀ ମାଝୀ, ବ୍ଲକ କଂଗ୍ରେସ ଉପ ସଭାପତି ରାଧେ ଧଂଗଡା ମାଝୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ନାଏକ, ସମ୍ପାଦକ କୁଞ୍ଜ ବିହାରୀ ନାଏକ, ଜୋନ ୧ ସଭାପତି ଉଗ୍ରେସେନ ନାଏକ, ୨ ନମ୍ବର ଜୋନ ସଭାପତି ତ୍ରିନାଥ ନାଏକ, ଯୁବ କଂଗ୍ରେସ ସଭାପତି ରୁକ୍ତା ମାଝୀ, ନିଧନ ନାଏକ ଡୁମେରପଦର ଗ୍ରାମପଞ୍ଚାୟତ କଂଗ୍ରେସ ଉପସଭାପତି, ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବ ସଭାପତି ଜଗାକାଳିଆ ନାଏକ, ଆଦିବାସୀ ଯୁବନେତା ଗୁରୁବାରୁ ମାଝୀ, ଥୁଆମୂଳ ରାମପୁର ପଞ୍ଚାୟତ କଂଗ୍ରେସ ସଭାପତି ମହେଶ୍ୱର ନାଏକ, ଗୋପାଳପୁର ଗ୍ରାମପଞ୍ଚାୟତ କଂଗ୍ରେସ ପର୍ଯ୍ୟବେକ୍ଷକ ରାମେଶ୍ୱର ନାଏକ, କିଶାନ ସେଲ ସଭାପତି ଗୁଞ୍ଜନ ମାଝୀ, କ୍ରିଷ୍ଣା ମାଝୀ କଂଗ୍ରେସ ଜିଲ୍ଲା ସହ ସମ୍ପାଦକ, ବ୍ଲକ କଂଗ୍ରେସ ଉପସଭାପତି ଘାସିରାମ ମାଝୀ ସମେତ୍ ଶତାଧିକ କଂଗ୍ରେସ କର୍ମୀ ବନ୍ଦ ଡାକରେ ଅଂଶଗ୍ରହଣ କରି ବନ୍ଦ ପାଳନକୁ ସଫଳ କରିବାରେ ସହଯୋଗ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଗୁରୁଜଙ୍ଗ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ମ୍ୟାଚ୍‌ରେ ଯଦୁପୁର ବ୍ଲାଷ୍ଟର୍ସ ବିଜୟୀ




ଖୋର୍ଦ୍ଧା, (ମହାଭାରତ) : ସ୍ଥାନୀୟ ଗୁରୁଜଙ୍ଗ ଖେଳ ପଡ଼ିଆଠାରେ ଗୁରୁଜଙ୍ଗ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଯଦୁପୁର ବ୍ଲାଷ୍ଟର୍ସ ଦଳ ୩୫ ରନ୍‌ରେ ଟମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସଙ୍କୁ ପରାସ୍ତ କରି ବିଜୟ ହାସଲ କରିଛି।ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଯଦୁପୁର ବ୍ଲାଷ୍ଟର୍ସ ଦଳ ସମସ୍ତ ୱିକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ୍.ଡି. ତବରେଜ ସର୍ବାଧିକ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ଟମାଣ୍ଡୋ ଦଳର ସିପୁନ୍ ପଟ୍ଟନାୟକ ଚମତ୍କାର ବୋଲିଂ କରି ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୫୫ ରନ୍ ?ର ବିଜୟ ଲକ୍ଷ୍ୟକୁ ପିଛା କରି ଟମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସ ଦଳ ସୁଶାନ୍ତ ପରିଡ଼ାଙ୍କ ୩୨ ରନ୍‌ର ଉପଯୋଗୀ ଇନିଂସ ସତ୍ତ୍ୱେ ୧୧୯ ରନ୍‌ରେ ସୀମିତ ରହିଥିଲା। ଫଳରେ ଯଦୁପୁର ବ୍ଲାଷ୍ଟର୍ସ ୩୫ ରନ୍‌ରେ ମ୍ୟାଚ୍ ଜିତି ଲିଗ୍‌ରେ ବିଜୟୀ ଅଭିଯାନ ଆରମ୍ଭ କରିଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ସହ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏମ୍.ଡି. ତବରେଜଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା। ମ୍ୟାଚ୍‌କୁ ସାନୁଜ ବିଶ୍ୱାଳ, ଜୟନ୍ତ ମାର୍ଥା, ପ୍ରକାଶ କୁମାର ସାହୁ ଓ ସୂର୍ଯ୍ୟକାନ୍ତ ଗୁମାନସିଂ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର କୁମାର ବେହେରା ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସୁଜିତ ପରିଡ଼ା ମ୍ୟାଚ୍‌ର ସଂଯୋଜନା କରିଥିଲେ।

## ଠାକୁରମୁଣ୍ଡାରେ ଓଡ଼ିଶା ବନ୍ଦ ସଫଳ




କରଞ୍ଜିଆ,(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରେ ଗୁରୁବାର ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସ ଓ ସିପିଆଇ(ଏମ୍) କର୍ମୀମାନଙ୍କ ପକ୍ଷରୁ ସକାଳୁ ବନ୍ଦ ପାଳନ କରାଯିବା ଫଳରେ ଠାକୁରମୁଣ୍ଡା ବଜାର ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିଲା।ବନ୍ଦ ଯୋଗୁଁ ଠାକୁରମୁଣ୍ଡାର ବିଭିନ୍ନ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଗାଡ଼ିମୋଟରର ଚଳାଚଳ ବନ୍ଦ ରହିଥିଲା। ଏଥିସହିତ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିବା ଦେଖାଯାଇଥିଲା। ଫଳରେ ଠାକୁରମୁଣ୍ଡା ସହର ଓ ଆଖପାଖ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ଉପରେ ବନ୍ଦର ପ୍ରଭାବ ପଡ଼ିଥିଲା। ବନ୍ଦ ସମର୍ଥକମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ଓ ସିପିଆଇ(ଏମ୍)ର କର୍ମୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ବନ୍ଦର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନକୁ ବିରୋଧ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକ ଛପାରେ ଅନିୟମିତତା ଅଭିଯୋଗକୁ ନେଇ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ପ୍ରମୁଖ ରହିଥିଲା। ବନ୍ଦ ପାଳନ ସମୟରେ କଂଗ୍ରେସ ଓ ସିପିଆଇ(ଏମ୍) କର୍ମୀମାନେ ନିଜ ନିଜ ଦାବି ନେଇ ନାରାବାଜି କରିବା ସହ ସରକାରଙ୍କ ନୀତି ଓ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଠାକୁରମୁଣ୍ଡାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବା ଜଣାପଡ଼ିଛି।

## ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ



ପାରଳାଖେମୁଣ୍ଡି (ମହାଭାରତ) ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହିତ ଜିଲ୍ଲାର ସାତଟି ବ୍ଲକ ରେ ଓଡ଼ିଶା ବନ୍ଦ ଇଣ୍ଡି ମେଣ୍ଟ ର ସଂପୂର୍ଣ୍ଣ ସଫଳତା ହାସଲ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି ।ଗଗଉଜ ସଂଶୋଧନ ନିୟମକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଛି ।ରାଜ୍ୟର ଖଣିଜ ସମ୍ପଦ ଲୁଟ୍ ଓ ସଂଘୀୟ ବ୍ୟବସ୍ଥା କ୍ଷୁଣ୍ଣ ଅଭିଯୋଗ ।ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ସୁରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇଲେ ବିରୋଧୀ ।କେନ୍ଦ୍ର ସରକାରଙ୍କ ଏକତରଫା ଶାସନ ଓ ଶୋଷଣ ବିରୋଧରେ ଆଜିର ଓଡ଼ିଶା ବନ୍ଦ ସଂପୁର୍ଣ୍ଣ ସଫଳ ହୋଇଛି । ଏହି ଅବସରରେ ଆଜି ଶକାଳୁ ପାରଳାଖେମୁଣ୍ଡି ସହରରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଙ୍କ ନେତୃତ୍ୱରେ ସୂର୍ଯ୍ୟ ନାରାୟଣ ପାତ୍ର, ସନ୍ତୋଷ କୁମାର ପଣ୍ଡା,ରାଜା ପାତ୍ର, ନିରାକାର ପାଣିଗ୍ରାହୀ, ଦଣ୍ଡପାଣି ପଣ୍ଡା, ପ୍ରମୁଖ ଉପସ୍ଥିତ ରେ ସିପିଆଇ ସିପିଏମ ଏବଂ, ଏଣ୍ଡିମେଣ୍ଟ ର ସମସ୍ତ ଦଳ ଗଣେଶ ବେହେରା,ବାଙ୍ଗାରି,ହରରେ ସମସ୍ତ ଦୋକାନ ବଜାର ବନ୍ଦ କରିବା ପରେ ଦିନ ଦସ ଘଣ୍ଟା ସମୟରେ ଜିଲ୍ଲାର ଜିଲ୍ଲା ସ୍ତରୀୟ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଏହା ସହିତ ଚାରି ତକିଆ, ତିନି ତକିଆ ଜାନ, ବସ୍ ଚଳାଚଳ ସଂପୂର୍ଣ୍ଣ ଠପ୍ ହୋଇଥିଲା, କେବଳ ଅତିଆବସ୍ୟକ ଆମ୍ବୁଲାନ୍ସ ସେବାର ପରିକ୍ଷାର୍ଥୀ ଛାତ୍ର ଛାତ୍ରୀ ଙ୍କୁ ସୁଜଗ ଦିଆଯାଇଥିଲା, ଆଜିର ବନ୍ଦ ପାଳନ ସଂପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିଲା। ସେହିପରି ଗଜପତି ଜିଲ୍ଲା ର ସାତଟି ବ୍ଲକ ରେ ଗୁମ୍ମା ବ୍ଲକ୍, କାଶୀନଗର ବ୍ଲକ, ଗୋଷାଣୀ ବ୍ଲକ, ରାୟଗଡ଼ା ବ୍ଲକ, ନୂଆଗଡ ବ୍ଲକ,ଆର ଉଦୟଗିରି ବ୍ଲକ,ମହୋନା ବ୍ଲକ ରେ ଆଜି ବନ୍ଦ ସଂପୁର୍ଣ୍ଣ ସଫଳ ର ସହିତ ସାନ୍ତିପୁର୍ଣ ଭାବେ ହୋଇ ଜାଇଛି, ଆଜିର କାର୍ଯ୍ୟକ୍ରମ ରେ ଏଣ୍ଡି ମେଣ୍ଟ ର ତ୍ରୀପତି ଗମାଙ୍ଗ, ଶ୍ରୀନିବାସ ବେହେରା, ମୁରଲି କ୍ରିଷ୍ଣା, ଏମ୍ ବାଙ୍ଗାରି, ରଞ୍ଜିତା ପାଣିଗ୍ରାହୀ,ପାପା ରାଓ, ଜନାର୍ଦ୍ଦନ ରାଓ, କଲି ପାତ୍ର,ଲେକେଶ ବରାଡ। ସହିତ ସତାଧିକ ନେତା କର୍ମ ଉପସ୍ଥିତ ଥିଲେ ଆଜିର କାର୍ଯ୍ୟକ୍ରମ କୁ ସଂପୁର୍ଣ୍ଣ ଭାବେ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ବନ୍ଦ ପାଳନ ବେଳେ ଉତ୍ତେଜନା ଆକ୍ରମଣରେ ୨ କଂଗ୍ରେସ କର୍ମୀ ଆହତ



ଉମରକୋଟ (ମହାଭାରତ): କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ପାଳନ ବେଳେ ନବରଙ୍ଗପୁର ଜିଲ୍ଲା ଉମରକୋଟ ନିକଟସ୍ଥ ଅଧିକାରୀଗୁଡ଼ାରେ ଦୋକାନ ବନ୍ଦକୁ ନେଇ ଉତ୍ତେଜନା ଦେଖାଦେଇଛି। ଦୋକାନ ବନ୍ଦ କରିବାକୁ କେନ୍ଦ୍ର କରି ଦୋକାନୀ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ବଚସା ପରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କଂଗ୍ରେସର ଦୁଇ କର୍ମୀ ଅଜୟ ଚୌହାନ ଓ ଅମୂଲ୍ୟ ପଟ୍ଟନାୟକ ଆହତ ହୋଇଛନ୍ତି। ଅଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଉମରକୋଟ ମେଡିକାଲରୁ ନବରଙ୍ଗପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଆଜି କଂଗ୍ରେସ ପକ୍ଷରୁ ଉମରକୋଟରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ସଫଳ କରିବା ପାଇଁ ଦଳୀୟ କର୍ମୀମାନେ ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟକୁ ଯାଇ ବନ୍ଦ ପାଳନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ କିଛି କଂଗ୍ରେସ କର୍ମୀ ଅଧିକାରୀଗୁଡ଼ାକୁ ଯାଇ ସେଠାରେ ଖୋଲା ଥିବା ଦୋକାନଗୁଡ଼ିକୁ ବନ୍ଦ କରିବାକୁ କହିଥିଲେ। ତେବେ ସ୍ଥାନୀୟ ଦୋକାନୀ ସିଦାମ ମାଲାକାର ଦୋକାନ ବନ୍ଦ କରିବେ ନାହିଁ ବୋଲି ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହେବା ସହ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଏହି ସମୟରେ ଦୋକାନୀ ଓ ତାଙ୍କ ପରିବାର ସଦସ୍ୟ କଂଗ୍ରେସ କର୍ମୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଆହତ କର୍ମୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଘଟଣାର ପ୍ରକୃତ କାରଣ ଓ ଆକ୍ରମଣରେ କାହାର କେତେ ଭୂମିକା ରହିଛି, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଆହତ ଅଜୟ ଚୌହାନ ଓ ଅମୂଲ୍ୟ ପଟ୍ଟନାୟକଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଉମରକୋଟ ମେଡିକାଲକୁ ନିଆଯାଇଥିଲା। ଅଜୟଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଶତାଧିକ କଂଗ୍ରେସ କର୍ମୀ ଉମରକୋଟ ଥାନା ସମ୍ମୁଖରେ ଏକତ୍ରିତ ହୋଇ ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣା ଦେଇଥିଲେ। ପୁଲିସ ସହାୟତାରେ ଦୋକାନୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଅଣାଯାଇଥିବା ସୂଚନା ମିଳିଛି। ଏହାପରେ ଉତ୍ୟକ୍ତ କଂଗ୍ରେସ କର୍ମୀମାନେ ଥାନା ସମ୍ମୁଖରେ କିଛି ସମୟ ଧରି ପ୍ରତିବାଦ କରିବା ସହ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ କଂଗ୍ରେସ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ମଧ୍ୟ ଦିଆଯାଇଛି। ଏହି ଘଟଣାକୁ ନେଇ ଉମରକୋଟ ସମେତ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାନ୍ତିପୂର୍ଣ୍ଣ ଧାରଣା, ପ୍ରତିବାଦ ଓ ଆନ୍ଦୋଳନ କରିବାର ଅଧିକାର ରହିଥିବା ବେଳେ ଏହାକୁ ନେଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେବା ଚିନ୍ତାର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମେମୁ ଟ୍ରେନ୍‌ରୁ ଯାତ୍ରୀଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଣ୍ଟା, ମୁଦି ଓ ବ୍ୟାଗ୍ ନଥିବା ଅଭିଯୋଗ

ଦଶପଲ୍ଲା,(ମହାଭାରତ): ଭୁବନେଶ୍ୱର-ଦଶପଲ୍ଲା ମେମୁ ଟ୍ରେନ୍‌ରୁ ଜଣେ ଯାତ୍ରୀଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଦେବତ୍ତର କଲୋନୀ (ଫେଜ୍-୩)ର ମହେଶ୍ୱର ମହାପାତ୍ର (୫୮)। ତାଙ୍କ ପାଖରୁ ସୁନା ମୁଦି, ହାତଘଣ୍ଟା ଓ ବ୍ୟାଗ୍ ଗାଏବ ଥିବାରୁ ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମହେଶ୍ୱର ଭୁବନେଶ୍ୱରରୁ ନୟାଗଡ଼ ଆସିବା ପାଇଁ ଉକ୍ତ ମେମୁ ଟ୍ରେନ୍‌ରେ ଚଢ଼ିଥିଲେ। ଟ୍ରେନ୍‌ଟି ଦଶପଲ୍ଲା ଷ୍ଟେସନରେ ପହଞ୍ଚିବା ପରେ ସେ ସିଟ୍ ଉପରେ ଅଚେତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ପରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ରେଳବାଇ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କର ଫଟୋ ଉତ୍ତୋଳନ କରି ନୟାଗଡ଼ ଷ୍ଟେସନକୁ ପଠାଇଥିଲେ। ଅନ୍ୟପଟେ ୧୦୮ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ନୟାଗଡ଼ ଷ୍ଟେସନରୁ ସୂଚନା ପାଇ ପରିବାର ଲୋକେ ଦଶପଲ୍ଲା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ମହେଶ୍ୱରଙ୍କ ହାତରେ ଥିବା ସୁନା ମୁଦି, ଘଣ୍ଟା ଏବଂ ତାଙ୍କ ନିକଟରେ ଥିବା ବ୍ୟାଗ୍ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଚଳନ୍ତା ଟ୍ରେନ୍‌ରେ ତାଙ୍କର ମୃତ୍ୟୁ କିପରି ଘଟିଲା ଏବଂ ତାଙ୍କ ସାମଗ୍ରୀ କେଉଁଆଡ଼େ ଗଲା, ସେନେଇ ରହସ୍ୟ ଘନୀଭୂତ ହୋଇଛି। ରେଳବାଇ ଜି ଆର ପି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ମହୁଲଡିହା ଥାନାରେ ରକ୍ତଦାନ ଶିବିର ୪୮ ୟୁନିଟ ରକ୍ତ ସଂଗ୍ରହ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନ ମହୁଲଡିହା ଥାନା ପରିସରରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଭଳି ମହତ କାର୍ଯ୍ୟ ମାଧ୍ୟମରେ ଅନ୍ୟର ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ପୁଲିସ କର୍ମଚାରୀ, ବନବିଭାଗର ସୁବଜବାହିନୀ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଉତ୍ସାହର ସହ ରକ୍ତଦାନ କରିଥିଲେ। ରାଇରଙ୍ଗପୁର ପୁଲିସ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଫିତା କାଟି ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ଆରମ୍ଭରେ ମହୁଲଡିହା ଥାନା ଅଧିକାରୀ ବୀରେନ୍ଦ୍ର ରାଉତ ପ୍ରଥମେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ପ୍ରେରଣା ଦେଇଥିଲେ। ଏହାପରେ ଥାନାର ପୁଲିସ କର୍ମଚାରୀ, ବନବିଭାଗର ସୁବଜବାହିନୀ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ରକ୍ତ ଦାନ ଶିବିରରେ ମୋଟ ୪୮ ଜଣ ରକ୍ତଦାନ କରିଥିବା ଜଣାପଡ଼ିଛି। ରକ୍ତଦାନ ଶିବିର ମାଧ୍ୟମରେ ସଂଗୃହୀତ ରକ୍ତ ଆବଶ୍ୟକ ସମୟରେ ରୋଗୀ, ଦୁର୍ଘଟଣାଗ୍ରସ୍ତ ଓ ଗୁରୁତର ରୋଗୀଙ୍କ ଚିକିତ୍ସାରେ ସହାୟକ ହେବ। ଏଭଳି ମାନବିକ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହେବା ସହ ରକ୍ତଦାନ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା।ରକ୍ତଦାନ ଶିବିର ଶେଷରେ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ମହୁଲଡିହା ଥାନା ପରିସରରେ ବୃକ୍ଷରୋପଣ କରିଥିଲେ। ରକ୍ତଦାନ ସହିତ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ଥାନା ପରିସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମମତା ସାହୁ, ତହସିଲଦାର ସମ୍ବିତ କୁମାର କର, ଅତିରିକ୍ତ ତହସିଲଦାର ବିଷ୍ଣୁ ଚରଣ ବାରିକ, ମହୁଲଡିହା ଥାନା ଅଧିକାରୀ ବୀରେନ୍ଦ୍ର ରାଉତ, ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ, ଏଏସଆଇ ବିଜୟ କୁମାର ଶାନ୍ତାରା, ସନ୍ତୋଷ ନାୟକ, ଅମରେନ୍ଦ୍ର ବାରିକ, ମହୁଲଡିହା ସରପଞ୍ଚ ଚମ୍ପା ଟୁଡୁ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀଙ୍କ ସମେତ ପୁଲିସ, ବନବିଭାଗ ଓ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ହିଞ୍ଜିଳିକାଟୁରେ ଓଡ଼ିଶା ବନ୍ଦ ବେଳେ ବିଜେପି-କଂଗ୍ରେସ ନେତା ମୁହାଁମୁହିଁ

ହିଞ୍ଜିଳିକାଟୁ(ମହାଭରାତ ) ଓଡ଼ିଶା ବନ୍ଦ ପାଳନ ସମୟରେ ହିଞ୍ଜିଳିକାଟୁ ଅଞ୍ଚଳରେ ବିଜେପି ଓ କଂଗ୍ରେସ ନେତାଙ୍କ ମଧ୍ୟରେ ମୁହାଁମୁହିଁ ଘଟଣାକୁ ନେଇ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ବନ୍ଦ ପାଳନକୁ କେନ୍ଦ୍ର କରି ବିଜେପିର କଂଚୁଡୁ ମଣ୍ଡଳ ସଭାପତି ରବିନ୍ଦ୍ର ପାଣିଗ୍ରାହୀ ଓ କଂଗ୍ରେସ ଜିଲ୍ଲା ଉପସଭାପତି ସୁନାରାମ ସାବତଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ହୋଇଥିବା ଜଣାପଡ଼ିଛି।ବନ୍ଦ ପାଳନ ସମୟରେ କଂଗ୍ରେସ ଦଳର ନେତା ଓ କର୍ମୀମାନେ ନିଜ ପକ୍ଷରୁ କାର୍ଯ୍ୟକ୍ରମ ଚଳାଇଥିବା ବେଳେ କୌଣସି ଏକ ପ୍ରସଙ୍ଗକୁ ନେଇ ଦୁଇ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ତୀବ୍ର ବାକ୍ ?ବିତଣ୍ଡାର ରୂପ ନେଇଥିବା ଏହା ସହବିଜେପିର କଂଚୁଡୁ ମଣ୍ଡଳ ସଭାପତି ରବିନ୍ଦ୍ର ପାଣିଗ୍ରାହୀ ରାସ୍ତା କଡ଼ ରୁ ପଥର ଉଠାଇ ମାରିବା ପାଇଁ ଚେଷ୍ଟା କରୁଥିବା ଏକ ଭିଡ଼ିଓ ସୋସିଆଲ ମିଡ଼ିଆ ରେ ଘୁରି ବୁଲୁଚି ଏହା ପରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନାମୟ ପରିସ୍ଥିତି ଦେଖାଦେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଆତଙ୍କ ସୃଷ୍ଟି ହୋଇଥିଲା। ପରିସ୍ଥିତି ବିଗିଡ଼ିବା ଆଶଙ୍କା କରି ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ପରବର୍ତ୍ତୀ ସମୟରେ ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ-ପ୍ରତିଅଭିଯୋଗ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଘଟଣା ପରେ ପୋଲିସ କେବଳ କଂଗ୍ରେସ ନେତାଙ୍କୁ ଥାନାରେ ଅଟକ ରଖିଥିବା ଅଭିଯୋଗ କରିଛି କଂଗ୍ରେସ। ଏହାକୁ ନେଇ କଂଗ୍ରେସ ନେତା ଓ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଦେଖାଯାଇଛି ।କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଘଟଣାରେ ଉଭୟ ପକ୍ଷର ଲୋକଙ୍କ ଭୂମିକା ଥିବା ସତ୍ତ୍ୱେ କେବଳ କଂଗ୍ରେସ ନେତାଙ୍କୁ ଥାନାରେ ଅଟକ ରଖାଯିବା ନ୍ୟାୟସଙ୍ଗତ ନୁହେଁ। ଏହାର ପ୍ରତିବାଦରେ ଏବଂ ଘଟଣାରେ ସମ୍ପୃକ୍ତ ବିଜେପି କର୍ମୀଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ହିଞ୍ଜିଳି ଥାନା ସମ୍ମୁଖରେ ଧାରଣା ଦିଆଯାଇଛି ।ଧାରଣାରେ କଂଗ୍ରେସର ନେତା ଓ କର୍ମୀମାନେ ଯୋଗଦେଇ ପୋଲିସର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ଘଟଣାରେ ନିରପେକ୍ଷ ତଦନ୍ତ କରାଯିବା ସହ ଉଭୟ ପକ୍ଷର ଭୂମିକା ଯାଞ୍ଚ କରି ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ କଂଗ୍ରେସ ଦାବି କରିଛି ।କଂଗ୍ରେସ ପକ୍ଷରୁ ଆହୁରି କୁହାଯାଇଛି ଯେ, ରାଜନୈତିକ ଚାପରେ ନୁହେଁ, ବରଂ ଘଟଣାର ପ୍ରକୃତ ତଥ୍ୟ ଓ ପ୍ରମାଣକୁ ଆଧାର କରି ପୋଲିସ ତଦନ୍ତ କରିବା ଆବଶ୍ୟକ। ଘଟଣାରେ କାହାର ଭୂମିକା କଣ ରହିଛି, ତାହା ତଦନ୍ତ କରି ସ୍ପଷ୍ଟ କରାଯାଉ ବୋଲି ଦାବି ହୋଇଛି ।ଅନ୍ୟପଟେ, ବନ୍ଦ ପାଳନ ସମୟରେ ଏପରି ରାଜନୈତିକ ମୁହାଁମୁହିଁ ଘଟଣାକୁ ନେଇ ହିଞ୍ଜିଳିକାଟୁ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଆଗାମୀ ଦିନରେ ପୋଲିସ ତଦନ୍ତ କରି ଘଟଣାରେ କାହାର ଦୋଷ ରହିଛି ତାହା ସ୍ପଷ୍ଟ କରିବା ସହ ଆଇନ ଅନୁଯାୟୀ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ସ୍ୱାମୀ ତଣ୍ଟି ଉପରେ ଚଢ଼ି ହତ୍ୟାକଲା ସ୍ତ୍ରୀ

ଆଳି,(ମହାଭାରତ): ସ୍ୱାମୀ ତଣ୍ଟି ଉପରେ ଛିଡା ହୋଇ ହତ୍ୟା କଲା ସ୍ତ୍ରୀ । ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଳପାଟଣା ଗ୍ରାମରେ । ହତ୍ୟାକାଣ୍ଡର ଶୀକାର ହୋଇଛନ୍ତି ମାଳପାଟଣା ଗ୍ରାମର ୪୦ ବର୍ଷୀୟ ନିରଞ୍ଜନ ସାହୁ । ସୂଚନା ଅନୁଯାୟୀ ନିରଞ୍ଜନ ଗତ ବୁଧବାର ବିଳମ୍ବିତ ରାତିରେ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀ ଓ ପୁଅଝିଅଙ୍କ ସହ ଝଗଡା କରି ଥିଲେ । ଝଗଡା ପରେ ନିରଞ୍ଜନ ନିଶାଶକ୍ତ ଅବସ୍ଥାରେ ଶୋଇ ପଡିବା ପରେ ସ୍ତ୍ରୀ ମନୋରମା ତାଙ୍କ ତଣ୍ଟି ଉପରେ ଚଢି ତାଙ୍କୁ ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡରେ ମନୋରମାଙ୍କ ପୁଅ ଓ ନାବାଳିକା ଝିଅ ସହଯୋଗ କରିଥିବା ନେଇ ମନୋରମା କହିଛନ୍ତି । ଗୁରୁବାର ସକାଳେ ସକାଳେ ନିରଞ୍ଜନଙ୍କ ମୃତ ଦେହ ଘର ବାହାରେ ପଡ଼ିଥିବା ଦେଖି ପଡୋଶୀ ଆଳି ପୋଲିସକୁ ଖବର ଦେଇଥିଲେ। ଆଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମ ର ସହାୟତାରେ ତଦନ୍ତ କରିଛନ୍ତି । ସାଇଣ୍ଟିଫିକ



ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡକୁ ନେଇ ଆଳି ଅଞ୍ଚଳରେ ଛାଅଁଳ୍ୟ ଖେଳିଯାଇଛି । ନିରଞ୍ଜନଙ୍କ ପତ୍ନୀ ମନୋରମା ପଟ୍ଟାମୁଣ୍ଡାଇର ଏକ ହୋଟେଲରେ କାମ କରିଥାନ୍ତି । ତାଙ୍କୁ ତାଙ୍କ ସ୍ୱାମୀ ପ୍ରତିଦିନ ମଦ ପିଇ ମାଡ଼ ମାରିବା ସହ ନିର୍ଯାତନା ଦେଇଥାନ୍ତି । ଯେଉଁଥିରେ ସେ ଅତିଷ୍ଠ ହୋଇ ସ୍ୱାମୀଙ୍କ ତଣ୍ଟିରେ ଚଢି ତାଙ୍କୁ ମାରି ଦେଇଛନ୍ତି । ଆଳି ପୋଲିସ ମୃତ ନିରଞ୍ଜନଙ୍କ ସ୍ତ୍ରୀ ମନୋରମା ଓ ପୁଅ ଝିଅଙ୍କୁ ନେଇ ଥାନାରେ ଅଟକ ରଖି ପଚରାଉଚୁରା ଜାରିରଖିଛି । ଏହି ଘଟଣାକୁ ନେଇ ମାଳପାଟଣା ସମେତ ଆଳି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ଆଳି ପୋଲିସ ୪୩୫/୨୬ ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ନେଇ ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ କହିଛନ୍ତି ।

## ବନ ବିଭାଗର ଚଢ଼ାଉ, ବନ ବରାହ ମାଂସ ଓ ୯ଟି ବାଲଟ୍ ବୋମା ଜବତ



ପାଟଣା:-(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ତଣ୍ଡ ବିଟ୍ ବଣମହୁଲଡିହା ଗ୍ରାମରେ ବନ୍ୟଜନ୍ତୁ ବରାହ ଶିକାର କରି ମାଂସ ଭାଗବଟରା ଚାଲିଥିବା ବେଳେ କୌଣସି ସୂତ୍ର ରୁ ଖବର ପାଟଣା ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧା ଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବନପାଳ ନିରଞ୍ଜନ ସେଠୀ ତଥା ପାରା କର୍ମଚାରୀ ଏକ ଟିମ୍ ଘଟଣାସ୍ଥଳ ରେ ପହଞ୍ଚି ଘର ଉପରେ ଚଢାଉ କରି ଥିଲେ। । ଘଟଣାସ୍ଥଳ ରେ ମଙ୍ଗଳ ମୁଣ୍ଡା ଓ ଘାଧୁ ମୁଣ୍ଡା ଙ୍କ ଘର ପରିସର ରୁ ବରାହ ମାଂସ ସହ ଅଧ ଶରୀର ଓ ୯ଟି ବାଲଟ୍ ବୋମା ଜବତ କରିବା ସହିତ ସାମଗ୍ରୀ ଜବତ କରି ଛି। ସନ୍ଦିଗ୍ଧ ଦୁଇ ଅଭିଯୁକ୍ତ ଘଟଣାସ୍ଥଳ ରୁ ଫେରାର ଥିବା ବେଳେ ବନ ବିଭାଗ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖି ଛି।

## ବିଦ୍ୟୁତ ତାର ନେଲା ୫୫ ବର୍ଷୀୟ ବୃଦ୍ଧଙ୍କ ଜୀବନ

ରାଇଘର(ମହାଭାରତ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୁମୁରାପଦର ଗ୍ରାମରେ ଘଟିଛି ଏକ ଅଭାବନୀୟ ଓ ଦୁଃଖଦ ଘଟଣା। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫୫ ବର୍ଷୀୟ ହରିଶ ଚନ୍ଦ୍ର କନ୍ଦ ଗୌଡ଼ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମଗ୍ର ଗୁମୁରାପଦର ଗ୍ରାମରେ ଶୋକର ବାତାବରଣ ଖେଳିଯାଇଛି ।ସୂଚନା ଅନୁଯାୟୀ, ହରିଶ ଚନ୍ଦ୍ର କୌଣସି କାରଣରୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଶେଷରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ହରିଶ ଚନ୍ଦ୍ରଙ୍କ ମୃତ୍ୟୁ ଖବର ପରେ ପରିବାର ଲୋକଙ୍କ ମଧ୍ୟରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଜଣେ ପରିବାର ସଦସ୍ୟଙ୍କୁ ହଠାତ୍ ? ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ମଧ୍ୟ ଗଭୀର ଶୋକ ପ୍ରକାଶ ପାଇଛି ।ତେବେ ବିଦ୍ୟୁତ ତାର କିପରି ଓ କେଉଁ ପରିସ୍ଥିତିରେ ହରିଶ ଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଲା, ଘଟଣା ପଛରେ କୌଣସି ବିଦ୍ୟୁତ ବିଭାଗୀୟ ଅବହେଳା ରହିଛି କି ନାହିଁ ସେନେଇ ଏବେ ପ୍ରଶ୍ନ ଉଠିଛି। ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।ଏଭଳି ଘଟଣା ଯେପରି ଆଗାମୀ ଦିନରେ ପୁନରାବୃତ୍ତି ନହୁଏ, ସେଥିପାଇଁ ବିଦ୍ୟୁତ ତାର ଓ ବିଦ୍ୟୁତ ବ୍ୟବସ୍ଥାର ସୁରକ୍ଷା ଯାଞ୍ଚ ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ଉଠିଛି।

## ଓଡ଼ଗାଁ ଅଞ୍ଚଳରୁ ୨ ବିଷଧର ସାପ ଉଦ୍ଧାର କଲା ବନବିଭାଗ

ଓଡ଼ଗ(ମହାଭାରତ): ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାଘୁଆଛକ ଓ ଓଡ଼ଗାଁ ବିଜୟ ମଣ୍ଡପ ସାହିରୁ ଆଜି ୨ ବିଷଧର ସାପକୁ ଉଦ୍ଧାର କରିଛି ଓଡ଼ଗାଁ ବନବିଭାଗ ।ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବାଘୁଆ ଛକର ଖଲିଆ ନାୟକଙ୍କ ଘରେ ଚାଲିଥିବା ଅସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ରରୁ ଏକ ୫ ଫୁଟିଆ ଅହିରାଜ ସାପକୁ ଉଦ୍ଧାର କରିଥିବାବେଳେ ବିଜୟ ମଣ୍ଡପ ସାହିରୁ ଜଣେ ବ୍ୟକ୍ତିଙ୍କ ଘରୁ ଏକ ଢ଼ମଣା ସାପକୁ ଉଦ୍ଧାର କରାଯାଇଛି ।ଏହି ଦୁଇ ବିଷଧର ସାପକୁ ନିଜେ ବନାଞ୍ଚଳ ଅଧିକାରୀ ଗୋଛା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦେଇଥିଲେ।

# ହୁତି ଆକ୍ରମଣ ପରେ ରିୟାଦ ଉଡ଼ାଣ ବାତିଲ କଲେ ଏୟାର୍‌ଇଣ୍ଡିଆ ଇଣ୍ଡିଗୋ

ନୂଆଦିଲ୍ଲୀ: ସାଉଦି ଆରବରେ ସୁରକ୍ଷା ପରିସ୍ଥିତି ଜଟିଳ ହେବା ପରେ ରିୟାଦକୁ ଯାଉଥିବା ଏବଂ ରିୟାଦରୁ ଆସୁଥିବା ବିମାନ ଉଡ଼ାଣକୁ ବାତିଲ କରିଛନ୍ତି ଏୟାର୍‌ଇଣ୍ଡିଆ, ଇଣ୍ଡିଗୋ ଏବଂ ଏୟାର୍‌ଇଣ୍ଡିଆ ଏକ୍ସପ୍ରେସ୍। ଗୁରୁବାର ଏହି ନିଷ୍ପତ୍ତି ନିଆଯାଇଥିବାବେଳେ ଅକ୍ଟୋବର ୧୦ ପର୍ଯ୍ୟନ୍ତ ରିୟାଦ ଉଡ଼ାଣ ବନ୍ଦ ରହିବ ବୋଲି ଏୟାର୍‌ଲାଇନ୍‌ଗୁଡ଼ିକ କହିଛନ୍ତି। ପ୍ରଭାବିତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ ବୋଲି ମଧ୍ୟ କୁହାଯାଇଛି।



ଇରାନ୍‌ସମର୍ଥିତ ହୁତି ବିଦ୍ରୋହୀମାନେ ଗତ କିଛି ଦିନ ହେଲା ସାଉଦି ଆରବର ବିମାନବନ୍ଦର, ସାମରିକ ଘାଟି ଓ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବା ଦାବି କରିଆସୁଛନ୍ତି। ଗୁରୁବାର ପ୍ରାରମ୍ଭରେ ହୁତି ବିଦ୍ରୋହୀମାନେ ବିଶ୍ୱର ବିମାନ କମ୍ପାନିଗୁଡ଼ିକୁ ଶେଷ ଥର ପାଇଁ ସତର୍କ କରାଇଥିଲେ। ସାଉଦି ଆରବର ଆକାଶସୀମାକୁ ସେମାନେ ସାମରିକ ଅଭିଯାନର କ୍ଷେତ୍ର ବୋଲି କହିବା ସହ ସେଠାରେ ବିମାନ ଚଳାଚଳ କରୁଥିବା କମ୍ପାନିଗୁଡ଼ିକୁ ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଚେତାବନୀ ଦେଇଥିଲେ। ଏୟାର୍‌ଇଣ୍ଡିଆ ଏକ୍ସପ୍ରେସ୍‌ର ଜଣେ ମୁଖପାତ୍ର କହିଛନ୍ତି, ଅଞ୍ଚଳରେ ପରିସ୍ଥିତି ଲଗାତାର ବଦଳୁଥିବାରୁ ରିୟାଦକୁ ଓ ରିୟାଦରୁ ଉଡ଼ାଣ ଅକ୍ଟୋବର ୧୦ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପ୍ରଭାବିତ ଯାତ୍ରୀଙ୍କୁ ବିନା ଅତିରିକ୍ତ ଖର୍ଚ୍ଚରେ ଅନ୍ୟ ତାରିଖରେ ଯାତ୍ରା କରିବାର ସୁଯୋଗ ଦିଆଯିବ। ଯେଉଁମାନେ ଟିକେଟ୍‌ବାତିଲ କରିବେ, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ପରିସ୍ଥିତି ଉପରେ ଏୟାର୍‌ଲାଇନ୍‌ପକ୍ଷରୁ ନଜର ରଖାଯାଉଛି।

ଏପଟେ ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ଗୁରୁବାର ଯାତ୍ରୀମାନଙ୍କୁ ବିମାନବନ୍ଦର ଯିବା ପୂର୍ବରୁ ନିଜ ଏୟାର୍‌ଲାଇନ୍‌ସହ ଯୋଗାଯୋଗ କରି ଉଡ଼ାଣ ସ୍ଥିତି ଜାଣିବାକୁ କୁହାଯାଇଛି। ସାଉଦି ରାଜଧାନୀ ରିୟାଦ ଉପରେ ଏକାଧିକ ବିସ୍ଫୋରଣର ଶବ୍ଦ ଶୁଣାଯିବାର କିଛି ଘଣ୍ଟା ପରେ ବିମାନବନ୍ଦର ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ବୁଧବାର ସାଉଦି ଅଧିକାରୀମାନେ କହିଥିଲେ ଯେ, ହୁତିମାନେ ଦାବି କରିଥିବା ରିୟାଦ ଓ ଆଭା ବିମାନବନ୍ଦର ଉପରେ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ସାଉଦି ଆରବ ଓ ଏହାର ସହଯୋଗୀ ୟେମେନୀ ସେନା ହୁତି ବିଦ୍ରୋହୀଙ୍କ ବିରୋଧରେ ବଡ଼ ଧରଣର ସ୍ଥଳ ଓ ଆକାଶ ଅଭିଯାନ ଆରମ୍ଭ କରିବା ପରଠାରୁ ଏହା ପ୍ରଥମ ମୃତ୍ୟୁ ଘଟଣା ବୋଲି କୁହାଯାଇଛି।

### ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ମୋଦୀଙ୍କ ସମ୍ବୋଧନ

# ଏବେ ଫୋନ୍‌ରେ ବ୍ୟାଙ୍କ, ହସ୍ପିଟାଲ୍ ସେବା : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, : ବ୍ୟାଙ୍କ, ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ ଭଳି ଶତାଧିକ ସେବା ଏବେ ମୋବାଇଲ୍ ଫୋନ୍‌ରେ ଉପଲବ୍ଧ ହୋଇପାରିଛି ବୋଲି ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ କହିଲେ, ମୋବାଇଲ୍ ଆଉ କେବଳ ଗପ ହେବା ଓ ଚାଟ୍ କରିବା ଭିତରେ ସୀମିତ ନାହିଁ। ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା ପାଇଁ ଏହା ସବୁଠୁ ବଡ଼ ମାଧ୍ୟମରେ ପରିଣତ ହୋଇଛି। ଭାଷା ଓ ଦୂରତାର ପ୍ରତିବନ୍ଧକ ଶେଷ ହୋଇଛି। ଲୋକମାନଙ୍କୁ ଆଉ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁନାହିଁ କିମ୍ବା ଧାଡ଼ିରେ ଠିଆ ହେବାକୁ ପଡୁନି। ଫଳରେ ସେମାନଙ୍କ ଉଭୟ ସମୟ ଓ ଟଙ୍କା ଉଭୟ ସଞ୍ଚୟ ହୋଇପାରୁଛି। ମୋବାଇଲ୍ ଫୋନ୍‌ର ଲାଭ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଲେ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା କରାଯାଉଛି। ଏହାଦ୍ୱାରା ୫ ଲକ୍ଷ କୋଟି ଟଙ୍କା ବାଟମାରଣା ହେବାରୁ ବନ୍ଦ ହୋଇଯାଇଛି। ଯେଉଁମାନଙ୍କ ହାତକୁ ସେହି ଟଙ୍କା ଯିବାର ଥିଲା ସେମାନେ ମୋଦୀକୁ ପସନ୍ଦ କରୁନାହାନ୍ତି। ସେମାନେ ଯେତେ ଚିତ୍କାର କଲେ ମଧ୍ୟ ଲୋକଙ୍କ ହିତରେ କାମ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ଏହି ଅବସରରେ ସେ ଆଜି ଦେହାନ୍ତ ହୋଇଥିବା ବଲିଉଡ୍ ଅଭିନେତା ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୋଦୀ ତାଙ୍କ ବିଷୟରେ କହିଥିଲେ, ସେ ଜଣେ ଚମତ୍କାର କଳାକାର ଥିଲେ ଯିଏ ବିଭିନ୍ନ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ। ତାଙ୍କ ଜାତୀୟ ଭାବନାକୁ ପ୍ରଶଂସା କରି ସେ କହିଥିଲେ, ସେ ଜଣେ ସ୍ୱାଧୀନ ଆତ୍ମା ଥିଲେ। ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ତ୍ରିରଙ୍ଗାର ସମ୍ମାନ ଓ ଗୌରବ ପାଇଁ ସମର୍ପିତ ଥିଲା। ସେ ଜଣେ ସିନେମା ବିପ୍ଳବୀ ଥିଲେ। ତାଙ୍କ ତୀକ୍ଷ୍ଣ ସଂଳାପ ଓ ଶକ୍ତିଶାଳୀ ନିରବତା ସାମାଜିକ କୁସଂସ୍କାର ଓ ରାଷ୍ଟ୍ରବିରୋଧୀ ଉପାଦାନଗୁଡ଼ିକ ବିରୋଧରେ ନିରନ୍ତର ପ୍ରହାର କରୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଇଣ୍ଡି ମେଣ୍ଟର ବିରୋଧକୁ ନେଇ ପୂର୍ବତନ ବିଚାରପତି ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳର ସାଂସଦମାନେ ଯେଉଁଭଳି ଭାବରେ ପ୍ରତିବାଦ କରୁଛନ୍ତି ତାହା ଉପରେ ଉତ୍ତରାଖଣ୍ଡ ହାଇକୋର୍ଟର ଜଣେ ପୂର୍ବତନ ବିଚାରପତି ପ୍ରଶ୍ନ ଉଠାଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲୋକପାଳ ସିଂହ କହିଛନ୍ତି ଯେ ସିଇସି କିମ୍ବା ଅନ୍ୟ କୌଣସି ନିର୍ବାଚନ କମିଶନରଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏପରିକି ସରକାର ମଧ୍ୟ ସେମାନଙ୍କୁ ସେମାନଙ୍କ ପଦବୀରୁ ହଟାଇ ପାରିବେ ନାହିଁ। ଏଥିପାଇଁ ଏକ ସାମ୍ବିଧାନିକ ବ୍ୟବସ୍ଥା ଅଛି। ଉତ୍ତରାଖଣ୍ଡ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଲୋକପାଳ ସିଂହ ଦିଲ୍ଲୀରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ କଂଗ୍ରେସ ଓ ବିରୋଧି ଦଳ ସାଂସଦଙ୍କ ପ୍ରଦର୍ଶନକୁ ନେଇ ଏକ ଇଣ୍ଟରଭ୍ୟୁରେ ଏହା କହିଛନ୍ତି। ଏହି ଆଲୋଚନା ବେଳେ ସେ ସିଇସି ଓ ଅନ୍ୟ ନିର୍ବାଚନ କମିଶନଙ୍କୁ ତାଙ୍କ ପଦରୁ ହଟାଇବା ଓ ଧାରଣା ପ୍ରଦର୍ଶନର ସ୍ୱାଧୀନତା ଉପରେ ସାମ୍ବିଧାନିକ ସ୍ଥିତି ମଧ୍ୟ ସ୍ପଷ୍ଟ କରାଯାଇଛି। ଜଷ୍ଟିସ୍ ସିଂହ କହିଛନ୍ତି, ଯେପର୍ଯ୍ୟନ୍ତ (ସିଇସି ଜ୍ଞାନେଶ କୁମାରଙ୍କ) ଇସ୍ତଫାର କଥା, ଏହା ପଦବୀରେ ଥିବା ବ୍ୟକ୍ତିଙ୍କ ଉପରେ ନିର୍ଭର କରେ। ଯଦି ସେହି ବ୍ୟକ୍ତି ଚାହିଁବେ, ଯେକୌଣସି କାରଣ ପାଇଁ, ସେ ଯେକୌଣସି ସମୟରେ ଇସ୍ତଫା ଦେଇପାରିବେ।'

# ୪୨ ଜଣ ଜଜଙ୍କ ଖୋଲା ଚିଠି

## 'ସତ୍ୟତା ବିନା କୋର୍ଟ ବାହାରେ ଅଭିଯୋଗ ଗ୍ରହଣୀୟ ନୁହେଁ'

ନୂଆଦିଲ୍ଲୀ : ସାଧାରଣ ନିର୍ବାଚନ ଆୟୋଗ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ବିରୋଧରେ ଚାଲିଥିବା କ୍ରମାଗତ ଅପପ୍ରଚାରକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଏବଂ ବରିଷ୍ଠ ଆଇନଜ୍ଞ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏକ ଖୋଲା ଚିଠି ମାଧ୍ୟମରେ ସେମାନେ ସ୍ପଷ୍ଟ କରିଛନ୍ତି ଯେ, ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ଉପରେ ରାଜନୈତିକ ସ୍ୱାର୍ଥ ରଖି ଆକ୍ରମଣ କରାଯାଉଛି। ଆମର ନୀରବତା କୌଣସି ନିରପେକ୍ଷ ବିକଳ୍ପ ନୁହେଁ ବୋଲି ଦର୍ଶାଇ ସେମାନେ ନିର୍ବାଚନ ଆୟୋଗକୁ ସର୍ବସାଧାରଣରେ 'ଚୋର' କିମ୍ବା 'କାଠ କଣ୍ଢେଇ' କହି ସମ୍ବୋଧନ କରିବା ଏବଂ କୌଣସି ପ୍ରମାଣ ନଥାଇ ଭୋଟ୍ ଚୋରି ଭଳି ସଙ୍ଗୀନ୍ ଅଭିଯୋଗ ଆଣିବା ଗଣତନ୍ତ୍ର ପ୍ରତି ବିପଜ୍ଜନକ ବୋଲି ଚେତାବନୀ ଦେଇଛନ୍ତି।





ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଆଇନସଙ୍ଗତ ଦର୍ଶାଇ ସେମାନେ କହିଛନ୍ତି ଯେ, ୧୯୫୦ ମସିହାର ଜନପ୍ରତିନିଧିତ୍ୱ ଆଇନର ଧାରା ୨୧(୩) ଅନୁଯାୟୀ ଭୋଟର ତାଲିକା ସଂଶୋଧନ କରିବା ନିର୍ବାଚନ ଆୟୋଗର ସାମ୍ବିଧାନିକ ଅଧିକାର। ମୃତ ଭୋଟର, ନକଲି ନାମ ଏବଂ ସ୍ଥାନାନ୍ତରିତ ଲୋକଙ୍କ ନାମ ବାଦ୍ ଦେଇ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ଏହି ପ୍ରକ୍ରିୟାର ମୂଳ ଲକ୍ଷ୍ୟ। ଚିଠିରେ ଦର୍ଶାଯାଇଛି ଯେ, ଗଣତନ୍ତ୍ରରେ ଆକ୍ରୋଶମୂଳକ ଆକ୍ରମଣ ପରିବର୍ତ୍ତେ ଆଇନଗତ ପ୍ରମାଣ ଓ କୋର୍ଟ ମାଧ୍ୟମରେ ଅଭିଯୋଗର ସମାଧାନ କରାଯିବା ଉଚିତ୍। ଏହାସହ ଗଣମାଧ୍ୟମ ଏବଂ ସାଧାରଣ ନାଗରିକଙ୍କୁ ଗୁଜବର ଶିକାର ନହୋଇ ସତ୍ୟତା ଯାଞ୍ଚ କରିବାକୁ ଏବଂ ଆମର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଗରିମା ରକ୍ଷା କରିବାକୁ ସେମାନେ ନିବେଦନ କରିଛନ୍ତି।

### ୟୁକ୍ରେନରେ ଋଷର ବଡ଼ ଆକ୍ରମଣ

# ବସ୍ ଉପରେ ବୋମା ବିସ୍ଫୋରଣରେ ୩୩ ନାଗରିକ ମୃତ

କିଭ : ପୂର୍ବ ୟୁକ୍ରେନର କ୍ରାମାଟୋର୍ସ୍କ ସହରରେ ଋଷ ସେନାର ଏକ ଭୟାନକ ବିମାନ ଆକ୍ରମଣ ଯୋଗୁଁ ଅତି କମରେ ୩୩ ଜଣ ନାଗରିକଙ୍କ ପ୍ରାଣହାନି ଘଟିଛି ଏବଂ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି। ୟୁକ୍ରେନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଋଷ ଗ୍ଲାଇଡ୍ ବୋମା ବ୍ୟବହାର କରି ଯାତ୍ରୀବାହୀ ବସ୍ ଏବଂ ବସ୍ ଷ୍ଟପ୍ ଅଞ୍ଚଳକୁ ସିଧାସଳଖ ଟାର୍ଗେଟ କରିଥିଲା , ଯାହାଫଳରେ ଦୁଇଟି ଯାତ୍ରୀବାହୀ ବସରେ ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିଲା। ୟୁକ୍ରେନ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ କହିଛନ୍ତି ଯେ ଏହି ଆକ୍ରମଣ ସକାଳ ପ୍ରାୟ ୧୦ଟା ସମୟରେ ଘଟିଥିଲା, ଯେତେବେଳେ ସାଧାରଣ ନାଗରିକମାନେ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଯାତାୟାତ କରୁଥିଲେ। ଡୋନେଟସ୍କ ଆଞ୍ଚଳିକ ମୁଖ୍ୟ ଭାଦିମ୍ ଫିଲାସ୍କିନ୍ ଏହି ଘଟଣାକୁ ନାଗରିକଙ୍କ ଉପରେ ଏକ ନିର୍ଦ୍ଦୟ ଆକ୍ରମଣ ଭାବେ ଅଭିହିତ କରିଛନ୍ତି। ସୁରକ୍ଷା ପରିସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଥିବାରୁ କ୍ରାମାଟୋର୍ସ୍କ ଏବଂ ପଡ଼ୋଶୀ ସ୍ଲୋଭିଆନ୍ସ୍କ ସହରରେ ସମସ୍ତ ସାର୍ବଜନୀନ ପରିବହନ ସେବାକୁ ତୁରନ୍ତ ବନ୍ଦ କରିଦିଆଯାଇଛି।

## ଷ୍ଟକ୍ ମାର୍କେଟ୍‌ରେ ବଡ଼ ଧରଣର ହ୍ରାସ

ନୂଆଦିଲ୍ଲୀ : ଭାରତୀୟ ଷ୍ଟକ୍ ମାର୍କେଟ୍‌ରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଗୁରୁବାର କାରବାର ସମୟରେ ଈଙ୍ଗିତ ସେନସେକ୍ସ ୧୦୦୦ ପଏଣ୍ଟରୁ ଅଧିକ ଖସିଥିବା ବେଳେ ଘଙ୍ଗର ନିଫ୍ଟି ୫୦ ମଧ୍ୟ ୨୨,୩୦୦ ସ୍ତର ତଳକୁ ଖସିଯାଇଛି। ଏହି ହ୍ରାସ ଯୋଗୁଁ ଈଙ୍ଗରରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୮.୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଗୁରୁବାର ଅପରାହ୍ଣ ୧ଟା ୨୫ ମିନିଟ୍?ରେ ନିଫ୍ଟି ୫୦ ୩୪୨ ପଏଣ୍ଟ ବା ୧.୫୧ ପ୍ରତିଶତ ହ୍ରାସ ପାଇ ୨୨,୨୬୦.୭୦ ସ୍ତରରେ କାରବାର କରୁଥିଲା। ସେହିପରି ସେନସେକ୍ସ ୯୬୮ ପଏଣ୍ଟ ହ୍ରାସ ପାଇ ୭୧,୬୭୦.୦୬ ସ୍ତରରେ ପହଞ୍ଚିଥିଲା। ଅନ୍ୟ ଏକ ଅପଡେଟ୍?ରେ ସେନସେକ୍ସ ୮୭୩.୮୨ ପଏଣ୍ଟ ବା ୧.୨୦ ପ୍ରତିଶତ ହ୍ରାସ ସହ ୭୧,୭୬୪.୮୮ ସ୍ତରରେ ଥିବା ଉଲ୍ଲେଖ କରାଯାଇଛି। ବଜାରରେ ଏହି ହ୍ରାସ ପଛରେ ଅନେକ କାରଣ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତିରେ କଠୋର ଆଭିମୁଖ୍ୟ, ରେପୋ ରେଟ୍ ବୃଦ୍ଧି, ବିଦେଶୀ ନିବେଶକଙ୍କ ଲଗାତାର ଅଂଶଧନ ବିକ୍ରି ଏବଂ ଅନ୍ତର୍ଜାତୀୟ ଭୂ-ରାଜନୈତିକ ଅସ୍ଥିରତା ନିବେଶକଙ୍କ ମନୋଭାବକୁ ପ୍ରଭାବିତ କରିଛି।

## ରୁଷରୁ କମ୍ ତେଲ କିଣିବ ଭାରତ

ନୂଆଦିଲ୍ଲୀ : ରୁଷରୁ ମଗାଯାଉଥିବା ଅଶୋଧିତ ତୈଳ ମହଙ୍ଗା ହେବା ପରେ ତାହା କିଣିବାକୁ ନେଇ ଭାରତୀୟ ବିଶୋଧନାଗାରଗୁଡ଼ିକ ଚିନ୍ତା କରିବା ଆରମ୍ଭ କରିଛନ୍ତି। ଚୀନ ବିପୁଳ ପରିମାଣର ତେଲ କିଣିବା ପରେ ରୁଷ ତେଲ ମହଙ୍ଗା ହୋଇଛି। ତେଣୁ ଭାରତୀୟ କମ୍ପାନିଗୁଡ଼ିକ ନଭେମ୍ବର ମାସ ପାଇଁ ଦେଇଥିବା ବରାଦ କମ୍ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରୁ ତେଲ ଯୋଗାଣ ଧୀରେ ଧୀରେ ସ୍ୱାଭାବିକ ହେଉଥିବାରୁ ଭାରତ ସେହି ଅଞ୍ଚଳରୁ ଅଧିକ ତେଲ ଆଣିବା ଉପରେ ବିଚାର କରୁଛି। ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ବଡ଼ ରିହାତି ସହ ରୁଷ୍? ତେଲ ମିଳୁଥିଲା। ଏବେ କିନ୍ତୁ ସେହି ସୁବିଧା ଆଉ ନାହିଁ। ରିହାତି ହଟିଯିବା ପରେ ରୁଷ ଓ ମଧ୍ୟପ୍ରାଚ୍ୟ ତେଲ ଦର ପ୍ରାୟ ସମାନ ସ୍ତରକୁ ଚାଲିଆସିଛି।



ଏମିତିରେ ରୁଷ ତେଲ ଉପରେ ଆମେରିକା ସରକାର କଠୋର କଟକଣା ଲଗାଇଥିବାରୁ ସେଠାରୁ ତେଲ ମଗାଇବା କଷ୍ଟକର ହେଉଛି ଓ ଦଣ୍ଡ ଭୋଗିବାର ମଧ୍ୟ ଆଶଙ୍କା ରହିଛି। ଭାରତ ପର୍ଯ୍ୟାୟକ୍ରମେ ରୁଷରୁ ତେଲ କିଣା କମ୍ କରୁଛି। ଗତ ଜୁଲାଇରେ ଭାରତ ୫୬ ପ୍ରତିଶତ ତେଲ ରୁଷରୁ ମଗାଇଥିଲା। ସେପଟେମ୍ବର ସୁଦ୍ଧା ସେହି ଭାଗ ୩୫ ପ୍ରତିଶତକୁ ଖସିଆସିଛି। ଅକ୍ଟୋବର ମାସରେ ଦୈନିକ ମାତ୍ର ୩,୧୦,୦୦୦ ବ୍ୟାରେଲ୍? ରୁଷ୍ ତେଲ ମଗାଯାଇଥିଲା ଯାହା ୨୦୨୨ ମାର୍ଚ୍ଚ ପରଠାରୁ ସର୍ବନିମ୍ନ ଅଟେ। ରୁଷଠାରୁ ଭାରତ ଓ ଚୀନ ଅଧିକ ତେଲ ମଗାଉଛନ୍ତି। ତେବେ ସେଠାରୁ ତେଲ ଜାହାଜ ବାହାରିବା ପରେ କେଉଁଠାରେ ପହଞ୍ଚିବ ତାହା ପୂର୍ବରୁ ଆକଳନ କରାଯାଇପାରୁନାହିଁ।

### ଜ୍ଞାନେଶ କୁମାର ଗାଦି ଛାଡ଼

# ରଣହୁଙ୍କାର ଦେଲା କକ୍ରୋଚ ଜନତା ପାର୍ଟି

## ସାମିଲ ହେଲେ ଧ୍ରୁବ ରାଠୀ ଓ ପ୍ରକାଶ ରାଜ

ନୂଆଦିଲ୍ଲୀ : ଏସ୍ଆଇଆର ରଦ୍ଦ କର, ଜ୍ଞାନେଶ କୁମାର ଗାଦି ଛାଡ଼। ବେଙ୍ଗାଲୁରୁର ଫ୍ରିଡମ ପାର୍କରୁ ଏପରି ରଣହୁଙ୍କାର ଦେଇଛି କକ୍ରୋଚ ଜନତା ପାର୍ଟି ବା ସିଜେପି। ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଲଢ଼େଇକୁ ଆହୁରି ଜୋରଦାର କରିଛି ସିଜେପି। ଆଉ ସିଜେପିର ମେଗା ବିକ୍ଷୋଭ ସମାବେଶରେ ସାମିଲ ହୋଇଛନ୍ତି ୟୁଟ୍ୟୁବର ଧ୍ରୁବ ରାଠୀ ଓ ଅଭିନେତା ପ୍ରକାଶ ରାଜ। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଜ୍ଞାନେଶ କୁମାରଙ୍କ ବିରୋଧରେ ବର୍ଷିଛନ୍ତି। ଭୋଟର ତାଲିକା ସଂଶୋଧନରେ ଅନିୟମିତତା ଅଭିଯୋଗ କରି ଆଜି ବେଙ୍ଗାଲୁରୁରେ ଅଭିଜିତ ଦିପେକଙ୍କ ସଂଗଠନ ଲୋକଙ୍କ ଟ୍ରିବ୍ୟୁନାଲ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହାପରେ ଦଳ ଚପଲ ବିକ୍ଷୋଭ ମଧ୍ୟ କରିବ। ଗୁରୁବାର ସିଜେପି ବେଙ୍ଗାଲୁରୁରେ ବିକ୍ଷୋଭ କରିଥିବା ବେଳେ ଆସନ୍ତା ୧୦ ତାରିଖରେ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଯନ୍ତରମନ୍ତରରେ ସମାବେଶ କରିବ ବୋଲି ଯୋଜନା କରିଛି। ଏହାପୂର୍ବରୁ ସିଜେପି ସହ ଧ୍ରୁବ ରାଠୀ ସାମିଲ ହେବା ସମସ୍ତ କର୍ମୀଙ୍କ ଉତ୍ସାହ ବଢ଼ାଇ ଦେଇଛି। ବେଙ୍ଗାଲୁରୁର ଫ୍ରିଡମ ପାର୍କ କାର୍ଯ୍ୟକ୍ରମ ପାଇଁ ଆଜି ସକାଳୁ ଯୁବଗୋଷ୍ଠୀ ଆସିବାରେ ଲାଗିଥିଲେ। ଦିନ ଠିକ ୧ଟା ବେଳେ ଦିପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କା ଷ୍ଟେଜରେ ପହଞ୍ଚିଥିଲେ। ସେମାନେ ରାଠୀ ଓ ପ୍ରକାଶ ରାଜଙ୍କ ସହ ଷ୍ଟେଜ ଶେୟାର କରି ପରସ୍ପରର ହାତ ଉଠାଇଥିଲେ। ସମସ୍ତେ ମୋଦି ବିରୋଧୀ ସ୍ଲୋଗାନ ସହ ଭୋଟ ଚୋର, ଭୋଟ ନାରା ମଧ୍ୟ ଦେଇଛନ୍ତି। ସମାବେଶକୁ ସମ୍ବୋଧନ କରି ଅଭିନେତା ପ୍ରକାଶ ରାଜ ଅଭିଯୋଗ କରିଛନ୍ତି ଯେ ଏସ୍ଆଇଆର ଦ୍ୱାରା ନିର୍ବାଚନ କମିଶନ ପୂରା ଦେଶର ଅପମାନିତ କରିଛନ୍ତି। ଏହି ଦେଶରେ ସରକାର କିଏ ଗଠନ କରିବ, ତା'ର ନିଷ୍ପତ୍ତି ଲୋକମାନେ ନିଅନ୍ତି। କିନ୍ତୁ ଏସ୍ଆଇଆର ଦ୍ୱାରା ସରକାର କିଏ ଭୋଟ ଦେବେ, ତା'ର ନିଷ୍ପତ୍ତି ନେଉଛନ୍ତି। ଏସ୍ଆଇଆର ଯୋଗୁ ଦେଶର ୧୩ କୋଟି ଲୋକଙ୍କ ନାଁ ଭୋଟର ତାଲିକାରୁ ବାଦ ପଡ଼ିଛି। ଏଥିପାଇଁ ସେ ଏସ୍ଆଇଆରକୁ ରଦ୍ଦ ପାଇଁ ଦାବି କରିଛନ୍ତି। ଏଥିସହ ସିଜେପିର ବିକ୍ଷୋଭ ଲୋକଙ୍କ ଅଧିକାରୀକୁ ପୁନଃ ସ୍ଥାପିତ ପାଇଁ ବୋଲି ମଧ୍ୟ କହିଛନ୍ତି। ପ୍ରକାଶ ରାଜ କହିଛନ୍ତି, "ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ଏହି ଆନ୍ଦୋଳନ ନୁହେଁ। ଯଦି ସେ ଯିବେ, ଆଉ ଜଣେ ତାଙ୍କ ସ୍ଥାନ ନେବେ। ଆମର ଲକ୍ଷ୍ୟ ହେଉଛି ଏସ୍ଆଇଆରକୁ ରଦ୍ଦ କରିବା।" ଆଜିର ମେଗା ବିକ୍ଷୋଭ ପୂର୍ବରୁ ଧ୍ରୁବ ରାଠୀ ଏଥିରେ ସାମିଲ ହେଉଥିବା ସିଜେପି ଗୋଟିଏ ଭିଡିଓ ପୋଷ୍ଟ କରି ସୂଚନା ଦେଇଥିଲା। ଏହି ସମୟରେ ଜ୍ଞାନେଶ କୁମାର ଚେତାବନୀ ଦେଇ ପ୍ରକାଶ ରାଜ କହିଥିଲେ ଯେ "ଆଜି ରେ ଆଲି, ଜ୍ଞାନୁ, ଆତା ତୁଝି ବାରି ଆଲି" ବୋଲି କହିଥିଲେ। ସିଜେପିର ଫ୍ରିଡମ ପାର୍କ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ଲୋକଙ୍କ ମଧ୍ୟରେ ଏସ୍ଆଇଆର ବେଳେ ନାଁ କଟିଥିବା ଅନେକ ଭୋଟର ରହିଛନ୍ତି। ସେମାନଙ୍କୁ ଏସ୍ଆଇଆର ବେଳେ ସ୍ଥାନାନ୍ତର କିମ୍ବା ଅନୁପସ୍ଥିତ ଦର୍ଶାଯାଇ ଭୋଟର ତାଲିକାରୁ ବାଦ ଦିଆଯାଇଛି। ବିକ୍ଷୋଭ ସମୟରେ ସିଜେପି ସେଭଳି ଲୋକଙ୍କୁ ସାମ୍ନାକୁ ଆଣି ଏସ୍ଆଇଆରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଲୋକଙ୍କ ସମସ୍ୟାକୁ ଉଜାଗର କରିବାକୁ ସିଜେପି ଏପରି ପିପୁଲ୍ସ ଟ୍ରିବ୍ୟୁନାଲ ଆୟୋଜନ କରିଥିବା କହିଛି। ଅନେକ ଜୀବିତ ଥିବା ବେଳେ ସେମାନଙ୍କୁ ମୃତ ଭାବେ ଦର୍ଶାଯାଇଛି।



## ଜ୍ଞାନେଶ କୁମାରଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

ମୁଖ୍ୟ ନିର୍ବାଚନ କମିଶନର (ଉରଉ) ଜ୍ଞାନେଶ କୁମାରଙ୍କ ସୁରକ୍ଷାକୁ ନେଇ ବଡ଼ ପଦକ୍ଷେପ। ପୂର୍ବରୁ ତ+ କ୍ୟାଟେଗୋରୀ ସୁରକ୍ଷା ମିଳିଥିବା ସତ୍ତ୍ୱେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଛି। ଗତ କିଛି ଦିନ ଧରି ତାଙ୍କ ବିରୋଧରେ ଚାଲିଥିବା ପ୍ରଦର୍ଶନ ପରେ ଏହି ପଦକ୍ଷେପ ନିଆଯାଇଛି। ଏହା ଅନୁସାରେ, ଏବେ ତାଙ୍କ ସୁରକ୍ଷା ବ୍ୟବସ୍ଥାରେ ଅତିରିକ୍ତ ଯବାନଙ୍କୁ ମୁତୟନ କରାଯିବ। ସୁରକ୍ଷା ବଢିବାର ନିଷ୍ପତ୍ତି ଅନୁସାରେ, ଦିଲ୍ଲୀ ସ୍ଥିତି ସିଇସି ବାସଭବନ, ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଓ ତାଙ୍କ ପର୍ସନାଲ ସିକ୍ୟୁରିଟିରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ଏହାଛଡା ଉତ୍ତର ପ୍ରଦେଶର ଆଗ୍ରା ସ୍ଥିତ ତାଙ୍କ ଘରେ ବି ସୁରକ୍ଷା ବଢାଯାଇଛି। ସୂଚନା ଅନୁସାରେ, ଦିଲ୍ଲୀରେ ଉରଉଙ୍କ ଆବାସ ନିକଟକୁ ପ୍ରଦର୍ଶନକାରୀମାନେ ପହଞ୍ଚିଥିଲେ। ଏହାସହ ତାଙ୍କ ପରିବାର ଘର ବାହାରେ ମଧ୍ୟ ପ୍ରଦର୍ଶନ ହୋଇଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଛନ୍ତି। ଏହାପରେ ଉରଉଙ୍କ ସୁରକ୍ଷା ବ୍ୟବସ୍ଥାର ପୁନଃ ସମୀକ୍ଷା କରାଯାଇ ଅତିରିକ୍ତ ଯବାନଙ୍କୁ ମୁତୟନ କରାଯାଇଛି। ଆବାସ ଓ କାର୍ଯ୍ୟାଳୟ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଥିବା ବେଳେ ଅଜଣା ଭିଡ଼ ଓ ପ୍ରଦର୍ଶନ ଉପରେ ମଧ୍ୟ କଡ଼ା ନଜର ରହିଛି।

## ଗୁରୁଜଙ୍ଗ ପ୍ରିମିୟର ଲିଗ ଉଦଘାଟିତ

# ଯଦୁପୁର ବ୍ଲାଷ୍ଟର ବିଜୟୀ

ଖୋର୍ଦ୍ଧା,୮।୧୦: ଖୋର୍ଦ୍ଧା ଉପଖଣ୍ଡ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ପ୍ରିମିୟର ଲିଗ ର ଉଦଘାଟନୀ ମ୍ୟାଚ ରେ ବାଲୁଙ୍କେଶ୍ୱର ୱାରୀୟାର୍ସ, ଟମାଣ୍ଡୋ ଦଳ କୁ ଯଦୁପୁର ବ୍ଲାଷ୍ଟର୍ସ ଦଳ ୩୫ ରନ ରେ ପରାସ୍ତ କରିଛି।ପ୍ରଥମେ ଟସ ରେ ଜିତି ଯଦୁପୁର ଦଳ ସମସ୍ତ ୱିକେଟ ହରାଇ ୧୫୪ ରନ କରିଥିଲେ। ଏମ ଡ଼ି ତବରେଜ ସର୍ବାଧିକ ୩୩ରନ କରିଥିଲେ। ଟମାଣ୍ଡୋ ଦଳର ସିପୁନ ପଟ୍ଟନାୟକ ୩ ୱିକେଟ ନେଇଥିଲେ । ଜବାବରେ ଟମାଣ୍ଡୋ ଦଳ ସୁଶାନ୍ତ ପରିଡା ଙ୍କ ୩୨ ରନ ସହାୟତା ରେ ୧୧୯ ରନ ରେ ସୀମିତ ରହି ଏହି ମ୍ୟାଚ କୁ ୩୫ ରନ ରେ ପରାସ୍ତ ହୋଇଛି।ଆଜି ଉଦ୍ଘାଟନୀ ମ୍ୟାଚ ରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, କ୍ୟାପଟେନ ମନ୍ମଥ ରାଉତରାୟ, କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ଅଭିଷେକ ସିଂସାମନ୍ତ, ଖୋର୍ଦ୍ଧା ଛାତ୍ର ବିଜେଡି ସଭାପତି ଅମିତ କୁମାର ଦାସ, ୟୁ ଟ୍ୟୁବର ପ୍ରିୟଙ୍କା ଶତପଥି, ସ୍ୱରୂପ ମିଶ୍ର, ମଳୟେଶ ପ୍ରଧାନ, ବଦ୍ରିନାରାୟଣ ସାହୁ, ରବି ନାରାୟଣ ଜେନା, ବିକାଶ ଜେନା, ରାଜେଶ ପ୍ରଧାନ,ଏମ ଡି ତବରେଜ, ସୁକାନ୍ତ ପାତ୍ର, କାଜଲ ବଳିୟାରସିଂ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଂକୁ ଉତ୍ସାହିତ କରିଥିଲେ।ଶ୍ରେଷ୍ଠ ଖେଳାଳୀ ଭାବେ ଏମ ଡ଼ି ତବରେଜ ଙ୍କୁ ବରିଷ୍ଠ ଖେଳାଳୀ ରବିନାରାୟଣ ରାଉତରାୟ ଓ ରଞ୍ଜନ ନନ୍ଦ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ କୁ ସାନୁଜ ବିଶ୍ୱାଳ, ଜୟନ୍ତ ମାର୍ଥା, ପ୍ରକାଶ କୁମାର ସାହୁ, ସୂର୍ଯ୍ୟକାନ୍ତ ଗୁମାନସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ରାଜେନ୍ଦ୍ର କୁମାର ବେହେରା ଦାଇତ୍ୱ ନେଇଥିଲେ। ମ୍ୟାଚ କୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସୁଜିତ ପରିଡା ସଂଯୋଜନା କରିଥିଲେ।




# ହକି ତାରକାଙ୍କୁ ସ୍ୱାଗତ

ରାଉରକେଲା,୮।୧୦: ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ପ୍ରମୁଖ ସଦସ୍ୟ ଶୀଳାନନ୍ଦ ଲାକ୍ରାଙ୍କ ଆଜି ଘରବାହାଡୁ ହୋଇଛି। ଆଜି ପୂର୍ବାହ୍ନରେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଗୌରବମୟ ସଫଳତା ପାଇଁ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପ୍ରୋଟୋକଲ ଓ କ୍ରୀଡ଼ା ବିଭାଗର ମହାପ୍ରବନ୍ଧକ ଜେ.ପି. ମିଶ୍ର, ଇଣ୍ଟରସିଟି ଗୋଲ୍ଡ କପ୍ ହକି ଆସୋସିଏସନ୍‌ର ଉପସଭାପତି ବାର୍ଥାଲୋମୀ କେର୍କେଟା, ସାଂଗଠନିକ ସମ୍ପାଦକ ଷ୍ଟାନ୍‌ଲି ଭିକ୍ଟର ମିଞ୍ଜ, ସମ୍ପାଦକ ରଜତ କୁମାର ମିଞ୍ଜ, ଯୁଗ୍ମ ସମ୍ପାଦକ ଜେମ୍‌ସ କୁଜୁର, ରାଜେନ ଏକ୍କା, ଆଶିଷ କେର୍କେଟା ପ୍ରମୁଖ ଶୀଳାନନ୍ଦଙ୍କୁ ସ୍ୱାଗତ କରିଥିଲେ। ଦଳର ସ୍ୱର୍ଣ୍ଣ ପଦକପରେ ବେଶ୍ ଖୁସିଥିବା କହିଛନ୍ତି ସେଲ୍ ହକିଏକାଡେମୀର ଏହି ପୂର୍ବତନ ଖେଳାଳି।

ପ୍ରତିକ୍ରିୟାରେ ଶୀଳାନନ୍ଦ କହିଲେ, ଆମ ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ଥିଲା। ଏସୀୟ କ୍ରୀଡାରେ ଦଳଗତ ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିଲା। କ୍ରୀଡାରେ ଆଶା ଓ ନିରାଶା ଲାଗିରହିଥାଏ। ପୂର୍ବ ତ୍ରୁଟିକୁ ସୁଧାରି ନିଷ୍ଠାପର ଅଭ୍ୟାସରେ ଧ୍ୟାନ ଦେଇଥିଲୁ, ଯାହାର ସୁଫଳ ପାଇଲୁ। ଭବିଷ୍ୟତରେ ସମାନ ଚିନ୍ତାଧାର ଓ ଲକ୍ଷ୍ୟ ନେଇ ଉନ୍ନତମାନର ପ୍ରଦର୍ଶନ ଜାରି ରଖିବୁ। ହକି ପ୍ରତି ଓଡିଶାବାସୀଙ୍କ ଭଲପାଇବା ଢେର୍ ଅଧିକ। ଆଗକୁ ମଧ ଏଭଳି ଆକୁଣ୍ଠ ସମର୍ଥନ ଅବ୍ୟାହତ ରହୁ। ଏହାସହ କହିଲେ, ସେଲ୍ ହକି ଏକାଡେମୀରୁ ହକି ଜୀବନ ଆରମ୍ଭ କରିଛି। ଆଜି ଯାହା ବି ସଫଳତା ପାଇଛି, ସେଥିରେ ଏକାଡେମୀ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏକାଡେମୀର ସମସ୍ତ ପ୍ରଶିକ୍ଷକ ଓ କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ଧନ୍ୟବାଦ। ଏସୀୟ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟକୁ ଗୌରବାନ୍ୱିତ କରିଥିବା ରାଉରକେଲାର ତାରକା ଶୀଳାନନ୍ଦଙ୍କୁ ସ୍ୱାଗତ କରିଥିଲେ ସହରବାସୀ। ମାତ୍ର ବିଡ଼ମ୍ବନାର ବିଷୟ ଏହା ଯେ ଏହି ଗୌରବମୟ ସଫଳତା ପରେ ମଧ ଶୀଳାନନ୍ଦଙ୍କୁ ସ୍ୱାଗତ କରିବା ପାଇଁ ରାଉରକେଲା ପ୍ରଶାସନର ଜଣେ ହେଲେ ଅଧିକାରୀ ଉପସ୍ଥିତ ନଥିଲେ। ଜଣେ ଆନ୍ତର୍ଜାତୀୟସ୍ତରର ସ୍ୱର୍ଣ୍ଣ ପଦକ ବିଜେତାଙ୍କ ପ୍ରତି ସ୍ଥାନୀୟ ପ୍ରଶାସନର ଏଭଳି ଉଦାସୀନ ମନୋଭାବ କ୍ରୀଡ଼ାପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ଦେଶ ପାଇଁ ସୁନା ଆଣିଥିବା ଏହି ଖେଳାଳିଙ୍କ ବଡ଼ ଅବଦାନକୁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଭୁଲିଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି।



## ଆଜି ଦ୍ୱିତୀୟ ଟ୍ୱେଣ୍ଟି-୨୦

ରାଞ୍ଚି୮।୧୦: ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟ୍ୱେଣ୍ଟି-୨୦ ପୂର୍ବରୁ ସଞ୍ଜୁ ସାମ୍‌ସନ୍‌ଙ୍କ ଖରାପ ଫର୍ମ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଫଳରେ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଭିଷେକ ଶର୍ମାଙ୍କ ସହ ଓପନିଂ କରାଇବା ନେଇ ଦଳ ଚିନ୍ତା କରୁଛି। ଶୁକ୍ରବାର ରାଞ୍ଚିରେ ହେବାକୁ ଥିବା ମ୍ୟାଚ୍‌ରେ ଭାରତ ଜିତିଲେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଆଗୁଆ ହେବ। ତେବେ ଦଳ ସାମ୍‌ସନ୍‌ଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି।ଗତ ୪ ଟ୍ୱେଣ୍ଟି୨୦ରେ ସାମ୍‌ସନ୍ ୯, ୭, ୨ ଓ ୧୧ ରନ୍ କରିଛନ୍ତି। ହେଲେ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତୀୟ ମଧକ୍ରମ ଭଲ କରୁଥିବାରୁ ଏହି ବିଫଳତା ଦଳ ଉପରେ ପ୍ରଭାବ ପକାଇ ପାରିନି। ଗତ ମ୍ୟାଚ୍‌ରେ ଶ୍ରେୟସ ନିଜର ପ୍ରଥମ ଶତକ ହାସଲ କରିବା ସହ ଦଳକୁ ବଡ ବିଜୟ ଦେଇଥିଲେ।ଅନ୍ୟପକ୍ଷରେ ସାମ୍‌ସନ୍‌ଙ୍କ ଖରାପ ଫର୍ମ ଯୋଗୁଁ ବୈଭବ ପୁଣି ଥରେ ସୁଯୋଗ ଆଶାରେ ଅଛନ୍ତି। ବେଭବ କମ୍ ସୁଯୋଗ ପାଇଥିଲେ ମଧ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ଏସୀୟ କ୍ରୀଡାରେ ସେ ଅଭିଷେକଙ୍କ ସହ ଓପନିଂ କରିଥିଲା ବେଳେ ସାମ୍‌ସନ୍ ତୃତୀୟ ସ୍ଥାନରେ ଖେଳିଥିଲେ। ଭାରତ ଦ୍ରୁତ ବୋଲିଂରେ କିଛିଟା ପରିବର୍ତ୍ତନ କରିପାରେ।

ଲକ୍ଷ୍ନୌରେ ପ୍ରଥମ ଓଭରରେ ମୟଙ୍କ ଯାଦବ ୧୬ ରନ୍ ବ୍ୟୟ କରିଥିଲା ବେଳେ ମଝି ଓ ଶେଷ ଓଭରରେ ମଧ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ସମୟରେ ସେର୍ଫାନ୍ ରଦରଫୋର୍ଡଙ୍କୁ ଆଉଟ୍ କରିଥିଲେ। ହେଲେ ଭାରତ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେଇ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡିଙ୍କୁ ସାମିଲ କରିବାକୁ ଚିନ୍ତା କରିପାରେ। କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ନେଇ ସ୍ପିନ୍ ବୋଲିଂ ବାହିନୀ ୱେଷ୍ଟଇଣ୍ଡିଜ୍‌କୁ ଚାପରେ ରଖିଥିଲା। ଏମାନଙ୍କ ସହ ପଦାର୍ପଣକାରୀ ଅଫସ୍ପିନ୍ ଅଲ୍‌ରାଉଣ୍ଡର ନମନ ଧୀର ୩ ୱିକେଟ୍ ନେଇ ଭ୍ରମଣକାରୀ ଦଳକୁ ବଡ ସ୍କୋର୍‌ର ସୁଯୋଗ ଦେଇ ନଥିଲେ। ତେଣୁ ସ୍ପିନ୍‌ରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ।

## ରାଜ୍ୟ ସ୍କୁଲ ବକ୍ସିଂରେ ସୁନ୍ଦରଗଡ

# ୪ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୧୬ କାଂସ୍ୟ ପଦକ



ସୁନ୍ଦରଗଡ ୮।୧୦: ରାଜ୍ୟସ୍ତରୀୟ ସ୍କୁଲ ବକ୍ସିଂରେ ସୁନ୍ଦରଗଡ ଖେଳାଳି ଚମତ୍କାର ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ, ୧୧ ରେପ୍ୟ ଓ ୧୬ କାଂସ୍ୟ ପଦକ ହାସଲ କରି ଜାତୀୟସ୍ତର ପାଇଁ ଚୟନ ହୋଇଛନ୍ତି। ବ୍ରହ୍ମପୁରସ୍ଥ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ୭୦ତମ ରାଜ୍ୟ ବକ୍ସିଂ ଚାମ୍ପିଅନସିପ୍‌ରେ ପିଏମ ଶ୍ରୀ ବିଏସ ସରକାରୀ ଉଚ୍ଚବିଦ୍ୟାଳୟ ବର୍ଗ-୧୪ ବିଭାଗର ବାଳକ ଅମିତ ରୋଶନ କେର୍କେଟା, ବର୍ଗ -୧୭ ବିଭାଗର ବାଳିକା ମାନସୀ ଓରାମ, ପୁଲିସ ହାଇସ୍କୁଲ ସୁନ୍ଦରଗଡର ବର୍ଗ-୧୭ ବିଭାଗର ବାଳକ ଅଂଶୁମାନ ପଟେଲ, ମହୁଲପାଲି ମହର୍ଷି ଦୟାନନ୍ଦ ମହାବିଦ୍ୟାଳୟ ବର୍ଗ-୧୭ ବିଭାଗର ବାଳକ ସ୍ଥିତପ୍ରଜ୍ଞ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାର ଗୌରବ ବଢାଇଛନ୍ତି। ସୁନ୍ଦରଗଡର ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ମୁରଲୀଧର ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ, ରାଜ୍ୟ ଆମେଚର ବକ୍ସିଂ ସଂଘ ସଂପାଦକ ଅନୀଲ ବହିଦାର ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଛନ୍ତି।

# ପୁରୁଷଙ୍କ ପରେ ମହିଳାଙ୍କ ଅନ୍ତର୍ଜାତୀୟ ଅଭିଜ୍ଞତା ପର୍ବ

କୋଲକାତା,୮।୧୦: ଭାରତୀୟ ମହିଳା ଫୁଟବଲ୍ ଦଳ ପାଇଁ ଆସନ୍ତା ଦୁଇ ଦିନ ଐତିହାସିକ ହେବାକୁ ଯାଉଛି। ‘ବ୍ଲୁ ଟାଇଗ୍ରିସ୍’ ଭାବେ ପରିଚିତ ଭାରତୀୟ ଦଳ ଚଳିତ ଅକ୍ଟୋବର ୮ ଅର୍ଥାତ୍ ଗୁରୁବାର ଏବଂ ୧୧ ତାରିଖରେ କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ରୁଷିଆ ବିପକ୍ଷରେ ଦୁଇଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହି ଦୁଇ ମ୍ୟାଚ୍ ଭାରତୀୟ ମହିଳା ଦଳର କୋଲକାତାରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ। ଭାରତୀୟ ମହିଳା ଖେଳାଳିମାନେ ମଧ ପୁରୁଷ ଦଳ ଭଳି ଅନ୍ତର୍ଜାତୀୟ ଅଭିଜ୍ଞତା ଅର୍ଜନ କରିବେ। ସଂପ୍ରତି ଭାରତ ବିଶ୍ୱମାନ୍ୟତାର ୬୯ତମ ସ୍ଥାନରେ ଥିବାବେଳେ ରୁଷିଆ ୨୭ତମ ସ୍ଥାନରେ ରହିଛି। ତେଣୁ ଏହି ଶୃଙ୍ଖଳା ଭାରତ ପାଇଁ ଉଚ୍ଚସ୍ତରୀୟ ୟୁରୋପୀୟ ଦଳ ବିପକ୍ଷରେ ନିଜ ଶକ୍ତି ପରୀକ୍ଷା କରିବାର ଏକ ବଡ଼ ସୁଯୋଗ।

ଗତ ଜୁନ୍‌ରେ ରେକର୍ଡ ଷଷ୍ଠ ଥର ପାଇଁ ସାଫ୍ ମହିଳା ଚାମ୍ପିଅନସିପ୍ ଜିତିବା ପରେ ଏହା ଭାରତୀୟ ମହିଳା ଦଳର ପ୍ରଥମ ଅନ୍ତର୍ଜାତୀୟ ଅଭିଯାନ ହେବ। ରୁଷିଆ ବିପକ୍ଷ ସିରିଜ୍‌ରେ ଭାରତୀୟ ଦଳର କିଛି ଯୁବ ଖେଳାଳିଙ୍କ ପାଇଁ ମଧ ନିଜକୁ ପ୍ରମାଣ କରିବାର ସୁଯୋଗ ରହିଛି। ଗୋଲକିପର୍ ନନ୍ଦିନୀ ଓ ଫରୱାର୍ଡ ଶିବାନୀ ଦେବୀ ନୋଙ୍ଗମେଇକାପମ୍ ଜାତୀୟ ବରିଷ୍ଠ ଦଳରେ ନିଜର ପ୍ରଥମ ଅଭିଜ୍ଞତା ପାଇବା ଆଶାରେ ଅଛନ୍ତି। ପୂର୍ବ ରେକର୍ଡ ଅନୁସାରେ ରୁଷିଆ ଓ ଭାରତୀୟ ମହିଳା ଦଳ ପୂର୍ବରୁ ଦୁଇଥର ମୁହାଁମୁହିଁ ହୋଇଛନ୍ତି ଏବଂ ଦୁଇଥର ଯାକ ଭାରତ ପରାଜିତ ହୋଇଛି। ୨୦୨୧ରେ ଟର୍କିସ୍ ଓମେନ୍ସ କପ୍‌ରେ ଭାରତ ୦-୮ରେ ହାରିଥିବା ବେଳେ ୨୦୨୫ର ପିଙ୍କ୍ ଲେଡିଜ୍ କପ୍‌ରେ ରୁଷିଆ ୨-୦ରେ ବିଜୟୀ ହୋଇଥିଲା। ଏହି ଶୃଙ୍ଖଳା ପାଇଁ ଥିବା ସମ୍ଭାବ୍ୟ ଭାରତୀୟ ଦଳରେ ଓଡିଶାର ଜୁଲି କିଶାନ ଓ ପ୍ୟାରୀ ଖାଖା ରହିଛନ୍ତି। ଏଣୁ ସେମାନେ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବାର ମଧ ଯଥେଷ୍ଟ ସମ୍ଭାବନା ରହିଛି। ଏମାନେ ସୁଯୋଗ ପାଇଲେ ଓଡିଶା ଫୁଟବଲ୍‌ରେ ମଧ ନୂଆ ଅଧ୍ୟାୟ ସାମିଲ ହେବ। ଉଭୟ ସାଫ୍ ଚାମ୍ପିଅନସିପ୍ ଜିତିଥିବା ଭାରତୀୟ ଦଳର ମଧ ସଦସ୍ୟ ଥିବାରୁ ରୁଷିଆ ବିପକ୍ଷ ମ୍ୟାଚ୍‌ରେ ଉଭୟ ଖେଳିବାର ସମ୍ଭାବନା ଅଧିକ ରହିଛି।



## ରଣଜୀ ଟ୍ରଫି ପାଇଁ ଗୁଜରାଟ ଗସ୍ତରେ ଓଡ଼ିଶା କ୍ରିକେଟ୍ ଦଳ

କଟକ, ୦୮।୧୦: ଆଗାମୀ ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିବାକୁ ୧୭ ଜଣିଆ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ୍ ଦଳ ଗୁଜରାଟ ଗସ୍ତ କରିଛି। ବିସିସିଆଇ ଘରୋଇ ସିଜନ୍ ୨୦୨୬-୨୭ ଅନ୍ତର୍ଗତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ବି ଗ୍ରାଉଣ୍ଡରେ ଗୁଜରାଟକୁ ଭେଟିବ।

ଦଳର ନେତୃତ୍ୱନେବେ ସୁଭ୍ରାଂଶୁ ସେନାପତି। ଦଳରେ ସ୍ୱସ୍ତିକ ସାମଲ, ଓମ୍ ଟିମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭାରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ, ଦିନେଶ ମାଝୀ, ନିହାଦ ରାଥ୍ୱା, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜା, ସୟଦ ଫୁଲୈଲ ଅହମଦ ଓ ବାଦଲ ବିଶ୍ୱାଳ ସ୍ଥାନ ପାଇଛନ୍ତି। ଓଡ଼ିଶା ଦଳର ସପୋର୍ଟ ଷ୍ଟାଫ୍‌ରେ ମୁଖ୍ୟ ପ୍ରଶିକ୍ଷକ ପ୍ରରଞ୍ଜନ ମଲ୍ଲିକ, ସହକାରୀ ପ୍ରଶିକ୍ଷକ ପ୍ରାତମଜିତ ଦାସ, ଆଡମିନ୍ ମ୍ୟାନେଜର ସତବୀର ସିଂହ ଠିଆର, ଅବଜର୍ଭର ନଟରାଜ ବେହେରା, ଫିଜିଓ ରୋନି ଛତର୍ଜୀ, ଏସ୍‌ଆଣ୍ଡସି କୋଚ୍ ସଞ୍ଜୀବ ଦାସ, ଭିଡିଓ ଆନାଲିଷ୍ଟ ଶାରଦା ବିଶ୍ୱାଳ, ସାଇଡ୍‌ଆର୍ମ ଥ୍ରୋଅର ଶ୍ରୁତି ସାଗର ପରିଡ଼ା ଓ ମାସିଅର୍ କପିଳ ବୁନ୍ଦେଲା ରହିଛନ୍ତି। ଗୁଜରାଟ ମ୍ୟାଚ୍ ପରେ ଓଡ଼ିଶା ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଥିରୁବନନ୍ତପୁରମ୍‌ରେ କେରଳ ବିପକ୍ଷରେ ଖେଳିବ। ଏହାପରେ ଅକ୍ଟୋବର ୨୬ରୁ ଭୁବନେଶ୍ୱରରେ ସର୍ଭିସେସ୍, ନଭେମ୍ବର ୨ରୁ ଝାଡ଼ଖଣ୍ଡ ଏବଂ ଜାନୁଆରୀ ୧୭, ୨୦୨୭ରୁ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଦିଲ୍ଲୀ ବିପକ୍ଷରେ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକରେ ଓଡ଼ିଶା ମହାରାଷ୍ଟ୍ର ଓ ବେଙ୍ଗାଲକୁ ମଧ ଭେଟିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦଳର ସଫଳତା କାମନା କରିଛନ୍ତି।



# ମେସିଙ୍କୁ ଆର୍ଜେଣ୍ଟିନାର ଭାବପ୍ରବଣ ବିଦାୟ: ଅଶ୍ରୁ, ଆତସବାଜି ଓ ଶେଷ ଗୋଲ୍

ବୁଏନସ୍ ଏୟାରିସ,୮।୧୦: ସ୍ଥାନୀୟ ଏଷ୍ଟାଡିଓ ମୋନୁମେଣ୍ଟାଲ୍ ଏରିନାରେ ବୁଧବାର ଲେଖାଯାଇଛି ଆର୍ଜଣ୍ଟିନା ଫୁଟବଲ୍‌ର ଏକ ଭାବପ୍ରବଣ ଅଧ୍ୟାୟ। କେବଳ ଏହି ଦେଶ ନୁହେଁ, ସମଗ୍ର ବିଶ୍ୱର ମହାନ ଫୁଟବଲ୍ ତାରକା ଲିଓନେଲ୍ ମେସି ନିଜ ଘରୋଇ ମାଟିରେ ଶେଷ ଥର ପାଇଁ ଆର୍ଜଣ୍ଟିନା ଜାତୀୟ ଦଳ ଲାଗି ମୈଦାନକୁ ଓହ୍ଲାଇଲେ। ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍ ବିପକ୍ଷ ଏହି ମ୍ୟାଚ୍ କେବଳ ଏକ ଫୁଟବଲ୍ ମ୍ୟାଚ୍ ନଥିଲା, ଏହା ଥିଲା ଆର୍ଜଣ୍ଟିନାର ସୁପରିଚିତ ମେସିଙ୍କ ‘୧୦ ନମ୍ବର ଜର୍ସି’କୁ ଆବେଗଭରା ବିଦାୟର ବଡ ମଞ୍ଚ।

ଷ୍ଟାଡିୟମ୍‌ରେ ହଜାର ହଜାର ସମର୍ଥକ ଆର୍ଜଣ୍ଟିନାର ନୀଳ-ଧଳା ଜର୍ସି ପିନ୍ଧି ମେସିଙ୍କୁ ଶେଷ ଥର ଜାତୀୟ ଦଳର ଜର୍ସିରେ ଦେଖିବାକୁ ଏକାଠି ହୋଇଥିଲେ। ଷ୍ଟାଡିୟମ୍ ଭିତରେ ଏକ ବିଶାଳ ୧୦ ନମ୍ବର ଜର୍ସିରେ ‘ଗ୍ରେସିଅସ୍’ ଲେଖାଯାଇଥିଲା। ଏହି ଗୋଟିଏ ଶବ୍ଦ ହିଁ ମେସିଙ୍କ ପ୍ରତି ଆର୍ଜଣ୍ଟିନାବାସୀଙ୍କ ଭାବନାକୁ ପ୍ରକାଶ କରୁଥିଲା। ମେସି ତାଙ୍କ ତିନି ପୁଅ ଥିଆଗୋ, ମାତିଓ ଓ ସିରୋଙ୍କ ସହ ମୈଦାନକୁ ପ୍ରବେଶ କରିବା ମାତ୍ରେ ଷ୍ଟାଡିୟମ୍‌ରେ ଆତସବାଜି ଫୁଟିଥିଲା। ଜାତୀୟ ସଙ୍ଗୀତ ବାଜିବା ସମୟରେ ମେସି ଭାବବିହ୍ୱଳ ହୋଇ ଲୁହକୁ ରୋକିପାରି ନଥିଲେ। ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନି ମଧ ନିଜ ଭାବନାକୁ ଲୁଚାଇ ପାରି ନଥିଲେ।

ମ୍ୟାଚ୍ ଆରମ୍ଭ ହେବା ପରେ ମେସି ନିଜ ଚିର ପରିଚିତ ଶୈଳୀରେ ଧୀରେ ଧୀରେ ଖେଳକୁ ନିୟନ୍ତ୍ରଣ କରିବାକୁ ଲାଗିଥିଲେ। ଦଶମ ମିନିଟ୍‌ରେ ମେସିଙ୍କ ସମ୍ମାନରେ ଆଉ ଏକ ବିଶେଷ ଆୟୋଜନ ହୋଇଥିଲା। ଆତସବାଜିରେ ଆକାଶ ଆଲୋକିତ ହୋଇଥିବା ବେଳେ ଦର୍ଶକମାନେ ଦଣ୍ଡାୟମାନ ହୋଇ ନିଜ ପ୍ରିୟ ଖେଳାଳିଙ୍କୁ ସମ୍ମାନ ଜଣାଇଥିଲେ। ପ୍ରଥମାର୍ଦ୍ଧରେ ଆର୍ଜଣ୍ଟିନା ବଲ୍ ଦଖଲରେ ଆଗରେ ରହିଥିଲେ ମଧ ବେନିନ୍ ଦୃଢ଼ ପ୍ରତିରୋଧ କରିଥିଲା। ଫଳରେ ଏହି ଅର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ପରେ ଆର୍ଜଣ୍ଟିନା ତା’ର ଆକ୍ରମଣକୁ ଆହୁରି ତୀବ୍ର କରିଥିଲା। ମେସିଙ୍କ ଚମତ୍କାର କ୍ରସ୍‌ରୁ ନିକୋଲାସ୍ ଓଟାମେଣ୍ଡି ଗୋଲ୍ କରି ଆର୍ଜଣ୍ଟିନାକୁ ଆଗୁଆ କରିଥିଲେ। ଏହି ଗୋଲ୍ ଓଟାମେଣ୍ଡିଙ୍କ ପାଇଁ ମଧ ବିଶେଷ ଥିଲା, କାରଣ ଏହା ତାଙ୍କର ମଧ ଆର୍ଜଣ୍ଟିନା ପାଇଁ ଶେଷ ମ୍ୟାଚ୍ ଥିଲା।



ପରେ ସେ ବଦଳି ହୋଇ ମୈଦାନ ଛାଡ଼ିଥିଲେ। ଏହା ପରେ ନିକୋ ପାଜ୍ ଏକ ଚମତ୍କାର ଗୋଲ୍ କରି ଆର୍ଜଣ୍ଟିନାର ଅଗ୍ରଣୀକୁ ୨-୦ କରିଥିଲେ। ତଥାପି ଷ୍ଟାଡିୟମ୍‌ର ଅପେକ୍ଷା ଆଉ କିଛି ପାଇଁ ଥିଲା, ତାହା ହେଲା ମେସିଙ୍କ ଗୋଲ୍। ୬୯ତମ ମିନିଟ୍‌ରେ ଆର୍ଜଣ୍ଟିନା ପେନାଲ୍ଟି ପାଇଥିଲା। କିଛି ସମୟର ମନ୍ତ୍ରଣା ପରେ ମେସି ବଲ୍‌କୁ ପେନାଲ୍ଟି ସ୍ପଟ୍‌ରେ ରଖିଲେ। ମୋନୁମେଣ୍ଟାଲ୍‌ରେ ହଜାର ହଜାର ଲୋକ ନିଶ୍ୱାସ ଅଟକାଇ ତାଙ୍କ ବିଦାୟୀ ଗୋଲ୍‌କୁ ଅପେକ୍ଷା କରିଥିଲେ। ତା’ପରେ ମେସିଙ୍କ ଶକ୍ତିଶାଳୀ ସଟ୍ ସିଧା ଗୋଲ୍‌ପୋଷ୍ଟର ଉପର ଡାହାଣ କୋଣକୁ ଚାଲିଗଲା। ସମଗ୍ର ଷ୍ଟାଡିୟମ୍ କମ୍ପି ଉଠିଥିଲା। ଆର୍ଜଣ୍ଟିନା ପାଇଁ ଶେଷ ଗୋଲ୍‌ରେ ପ୍ରାୟ ଦୁଇ ଦଶନ୍ଧି ଧରି ଅସଂଖ୍ୟ ସ୍ମରଣୀୟ ମୁହୂର୍ତ୍ତ ଦେଇଥିବା ଏହି ମହାନ ଖେଳାଳିଙ୍କ ପାଇଁ ବୁଧବାର ରାତି ଏକ ଅବିସ୍ମରଣୀୟ ବିଦାୟ ହୋଇ ରହିଗଲା। ଏହି ମ୍ୟାଚ୍‌କୁ ୩-୦ରେ ଜିତି ଆର୍ଜଣ୍ଟିନା ଦଳ ମଧ ତାଙ୍କୁ ଉଚିତ ବିଦାୟ ଦେଇଥିଲା।

# ଏସୀୟ ପାରା କ୍ରୀଡ଼ା: ଚୟନକୁ ନେଇ ପାରା-ସାଇକ୍ଲିଷ୍ଟ କରିବେ ବିକ୍ଷୋଭ

ନୂଆଦିଲ୍ଲୀ୮।୧୦: ଆଗାମୀ ଏସୀୟ ପାରା କ୍ରୀଡ଼ା ପାଇଁ ଜାତୀୟ ସଂଘ ସୁପାରିସ କରିଥିବା ୭ ଜଣ ପାରା-ସାଇକ୍ଲିଷ୍ଟଙ୍କ ମଧ୍ୟରୁ କେବଳ ଜଣଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ କରିବାରୁ ଅସନ୍ତୋଷ ଦେଖାଦେଇଛି। ବାଦ୍ ପଡ଼ିଥିବା ସାଇକ୍ଲିଷ୍ଟମାନେ ଚୟନରେ ପାତରଅନ୍ତର ହୋଇଥିବା ଅଭିଯୋଗ କରିବା ସହ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ମୁଖ୍ୟାଳୟରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି।




ତେବେ ପ୍ରଦର୍ଶନକୁ ଆଧାରରେ ଚୟନ ହୋଇଥିବା ନେଇ ସାଇ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଚଳିତ ମାସ ୧୮ରୁ ଆଇଚି-ନାଗୋୟାରେ ହେବାକୁଥିବା ଏସୀୟ ପାରା କ୍ରୀଡ଼ା ଲାଗି ମନ୍ତ୍ରାଳୟ କେବଳ ପାରାଲିମ୍ପିଆନ୍ ଅର୍ଶଦ ଶେଖ୍‌ଙ୍କୁ ଅନୁମୋଦନ ଦେଇଛି। ସଂଘ ଅର୍ଶଦଙ୍କ ସହ ପ୍ରଶାନ୍ତ ଅର୍କଲ, ପବନ କୁମାର କୋମୋଜି, ସମୀର, ବାସାନୀ ବାବୁଭାଇ, ଶାଶ୍ୱତି ବିନାୟକ ନାକାଡେ ଓ ଲିଶା ଦାସଙ୍କ ନାଁ ଚୟନ କରି ମନ୍ତ୍ରାଳୟକୁ ପଠାଇଥିଲା। ମନ୍ତ୍ରାଳୟ କେବଳ ଅର୍ଶଦ ନାଁକୁ ଛାଡି ଅନ୍ୟମାନଙ୍କୁ ବାଦ୍ ଦେଇଛି। ଏସୀୟ କ୍ରୀଡା ଲାଗି କ୍ରୀଡା ମନ୍ତ୍ରାଳୟ ଚୂଡାନ୍ତ ଦଳ ଘୋଷଣା କରିନି। ଏପର୍ଯ୍ୟନ୍ତ କେବଳ ୮ଟି ଖେଳ ଲାଗି ୧୨୮ ଜଣଙ୍କ ନାମକୁ ଅନୁମୋଦନ କରିଛି। ଏସୀୟ କ୍ରୀଡା ଇତିହାସରେ ପାରା-ସାଇକ୍ଲିଂରୁ ଭାରତକୁ କେବଳ ଗୋଟିଏ କାଂସ୍ୟ ମିଳିଛି।

ଭାରତୀୟ ଦଳର ବିଦାୟ ସମାରୋହରେ ହଙ୍ଗାମା ଦେଖିବାକୁ ମିଳିଛି। ଏହି ସମୟରେ କିଛି ପାରା ସୁଟର ଚୟନ ପ୍ରକ୍ରିୟାରେ ଦୁର୍ନୀତି ଓ ଅନିୟମିତତାର ଅଭିଯୋଗ ଆଣି ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।ଏମାନେ ଏସିଆରେ ଶୀର୍ଷ ମାନ୍ୟତାପ୍ରାପ୍ତ ସୁଟର ସନ୍ଦୀପ କୁମାର ଓ ଆକାଶଙ୍କୁ କାହିଁକି ଦଳରୁ ବାଦ୍ ପଡିଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ଚୟନ ପାଇଁ ସରକାରୀ ପୁରସ୍କାର ରାଶିର ୨୦ ପ୍ରତିଶତ କମିସନ ଦାବି, କୋଟା ସ୍ଥାନ ଓ ଯୋଗ୍ୟତା ସ୍କୋରରେ ହେରଫେର ହୋଇଥିବା ଏହି ସୁଟରମାନେ ଅଭିଯୋଗ କରିଛନ୍ତି। ତେବେ ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ଏସବୁ ଅଭିଯୋଗ ଖଣ୍ଡନ କରିଛି।

## ଦିନିକିଆ ଟପ-୧୦ରେ ସାମିଲ ହେଲେ କେଏଲ ରାହୁଲ

ନୂଆଦିଲ୍ଲୀ,୮।୧୦: ଦିନିକିଆ କ୍ରିକେଟରେ ଭାରତୀୟ ବ୍ୟାଟରମାନଙ୍କର ପ୍ରାଧାନ୍ୟ ପୁଣିଥରେ ସ୍ପଷ୍ଟ ହୋଇଛି। ସାମ୍ପ୍ରତିକ ଆଇସିସି ରାଙ୍କିଙ୍ଗରେ, କେ.ଏଲ. ରାହୁଲ ଏକ ବଡ଼ ଧରଣର ଅଗ୍ରଗତି କରି ଶ୍ରେଷ୍ଠ ୧୦ ଜଣଙ୍କ ତାଲିକାରେ ସ୍ଥାନ ହାସଲ କରିଛନ୍ତି, ଅନ୍ୟପକ୍ଷରେ ଶୁବମନ ଗିଲ ଏକ ନମ୍ବର ସ୍ଥାନରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛନ୍ତି। ସ୍ପଷ୍ଟ ଭାବରେ, ଶ୍ରେଷ୍ଠ ବ୍ୟାଟରମାନଙ୍କ ତାଲିକାରେ ଭାରତୀୟ ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି।

ନୂତନ ଓଡଉ ରାଙ୍କିଙ୍ଗ କେ.ଏଲ. ରାହୁଲଙ୍କ ପାଇଁ ବିଶେଷ ଲାଭଦାୟକ ସାବ୍ୟସ୍ତ ହୋଇଛି। ସେ ଢଡଓ ବ୍ୟାଟିଂ ରାଙ୍କିଙ୍ଗରେ ସାତୋଟି ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଢଡଓ ମ୍ୟାଚରେ ଏକ ଚମତ୍କାର ଶତକ (ଅପରାଜିତ ୧୨୯ ରନ) ହାସଲ କରିବା ପରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଛନ୍ତି।

ଶୁବମନ ଗିଲ ବ୍ୟାଟିଂ ମାନ୍ୟତାରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି ଏବଂ ବର୍ତ୍ତମାନ ତାଙ୍କ ପାଖରେ ୮୪୧ ରେଟିଂ ପଏଣ୍ଟ ରହିଛି। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ନ୍ୟୁଜିଲ୍ୟାଣ୍ଡର ଡାରିଲ ମିଚେଲ ରହିଥିବାବେଳେ ବିରାଟ କୋହଲି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରୋହିତ ଶର୍ମା ମଧ ଚତୁର୍ଥ ସ୍ଥାନରେ ନିଜର ସ୍ଥିତି ବଜାୟ ରଖିଛନ୍ତି। ସର୍ବଶେଷ ମାନ୍ୟତା ତାଲିକାକୁ ଲକ୍ଷ୍ୟ କଲେ ଜଣାପଡ଼ ଯେ ଶ୍ରେଷ୍ଠ ୧୦ ଜଣ ବ୍ୟାଟରଙ୍କ ମଧ୍ୟରେ ଚାରିଜଣ ଭାରତୀୟ ସାମିଲ ଅଛନ୍ତି: ଶୁବମନ ଗିଲ (ପ୍ରଥମ), ବିରାଟ କୋହଲି (ତୃତୀୟ), ରୋହିତ ଶର୍ମା (ଚତୁର୍ଥ) ଏବଂ କେ.ଏଲ. ରାହୁଲ (ଦଶମ)। ଏହା ବିଶ୍ୱର ଶ୍ରେଷ୍ଠ ୧୦ ଢଡଓ ବ୍ୟାଟରଙ୍କ ମଧ୍ୟରେ ଭାରତର ଦୃଢ଼ ଉପସ୍ଥିତିକୁ ଦର୍ଶାଉଛି। କେ.ଏଲ. ରାହୁଲଙ୍କ ସାମ୍ପ୍ରତିକ ଫର୍ମକୁ ବିଚାର କଲେ ମାନ୍ୟତାରେ ତାଙ୍କର ଉନ୍ନତି ବିଶେଷ ଗୁରୁତ୍ୱପୂର୍ଣ୍ଣ। ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଢଡଓରେ ସେ ୧୨୯ ରନର ଏକ ଅପରାଜିତ ଇନିଂସ ଖେଳି ଭାରତକୁ ଏକ ମଜବୁତ ସ୍କର ସଂଗ୍ରହ କରିବାରେ ସହାୟତା କରିଥିଲେ; ଏହି ପ୍ରଦର୍ଶନ ତାଙ୍କ ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,